## କୁହୁଡ଼ିରେ ୯୬ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ

# ଗାନ୍ଧିଜୀ ମୂଲ୍ୟବୋଧର ଆଧାର ଓ ବିଶ୍ୱର ଶ୍ରେଷ୍ଠ ପରିଚୟ

ଅସ୍ତରଙ୍ଗ,୨୧।୫(ସମିସ)



ସ୍ୱାଧୀନତା ସଂଗ୍ରାମରେ ଲବଣ ସତ୍ୟାଗ୍ରହ ଏକ ପ୍ରମୁଖ ଘଟଣାବଳୀ। ଏହା ସ୍ୱାଧୀନତା ସଂଗ୍ରାମକୁ ଅଧିକ ଋଦ୍ଧିମନ୍ତ କରିବା ସହ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ପ୍ରେରଣା ଦେଇଥିଲା ବୋଲି କହିଥିଲେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ସହିଦ ସ୍ମୃତିପୀଠ କୁହୁଡ଼ିଠାରେ ଗୁରୁବାର ୯୬ତମ ରାଜ୍ୟସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ପାଳିତ ହୋଇଥିଲା। ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାକଟପୁର, ଅସ୍ତରଙ୍ଗ ପକ୍ଷରୁ ଏହା ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରା ମହାତ୍ମା ଗାନ୍ଧୀଙ୍କ ଦାଣ୍ଡିଯାତ୍ରାରେ ଅନୁପ୍ରାଣିତ ହୋଇ ୧୯୩୦ ମସିହା ଆଜିର ଦିବସରେ ଅସ୍ତରଙ୍ଗ ବ୍ଲକ୍ କୁହୁଡ଼ିଠାରେ ସଂଗ୍ରାମୀ ନୀଳକଣ୍ଠ ଦାସ, ଜଗନ୍ନାଥ ରଥ, ଗୋବିନ୍ଦ ଦାସ ପ୍ରମୁଖଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମକୁ ଅଧିକ ତେଜୋଦିପ୍ତ କରିଥିଲା ବୋଲି କହିବା ସହ ଯୁବପିଢ଼ି ଏହି ଐତିହ୍ୟକୁ ଆଗକୁ ନେବେ ବୋଲି ଆଶା କରିଥିଲେ। ମୁଖ୍ୟବକ୍ତା ଭାବେ ଗାନ୍ଧୀ ଦର୍ଶନ ବିଚାରକ ତଥା ସୁସାହିତ୍ୟିକ ଦାଶ୍ ବେନହୁର ଓ ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଗାନ୍ଧିଜୀ ମୂଲ୍ୟବୋଧର ଆଧାର ଓ ବିଶ୍ୱର ସମସ୍ତ ଦେଶ ପାଇଁ ଏକ ଶ୍ରେଷ୍ଠ ପରିଚୟ ବୋଲି କହିଥିଲେ। ଲବଣ ସତ୍ୟାଗ୍ରହର ଐତିହ୍ୟ, ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ସଂଗ୍ରାମରେ କୁହୁଡ଼ିର ଅବଦାନ, ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତର ଇତିହାସ, ସଂଗ୍ରାମ, ସଂଗ୍ରାମୀମାନଙ୍କ ସଂଘର୍ଷର କଥା, ଆତ୍ମନିର୍ଭରଶୀଳତା, ଆଜିର ସମୟରେ ଲବଣ ସତ୍ୟାଗ୍ରହ ଆଲୋଚନାର ଆବଶ୍ୟକତା ଓ ଯୁବପିଢ଼ିଙ୍କୁ ଅନୁପ୍ରେରଣା ସମ୍ପର୍କରେ ଦୁଇ ପ୍ରମୁଖ ବକ୍ତା ବିସ୍ତୃତ ଆଲୋଚନା କରିଥିଲେ।

ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ବ୍ଲକ୍ ଅଧ୍ୟକ୍ଷା ଆରତୀ ନାୟକ, ଅସ୍ତରଙ୍ଗ ବିଡିଓ ସସ୍ମିତା ବେହେରା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଉପଦେଷ୍ଟା ମହେଶ୍ୱର ନାୟକ, ସଂଗ୍ରାମୀ ଦାୟାଦ ଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମ, ଲବଣ ସତ୍ୟାଗ୍ରହ ଓ କୁହୁଡ଼ିର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ପ୍ରକାଶିତ ସ୍ମରଣିକାକୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ଗତ ମାଟ୍ରିକ୍ ପରୀକ୍ଷାରେ ଅସ୍ତରଙ୍ଗ ବ୍ଲକ୍‌ସ୍ତରରେ ସର୍ବାଧିକ ନମ୍ବର ରଖିଥିବା ୪ ଛାତ୍ରଛାତ୍ରୀ ସୁଚିସ୍ମିତା ସେଠୀ, ସୂରଜ ପ୍ରଧାନ, ପୁଷ୍ପଜିତ ପ୍ରଧାନ ଓ ଶଶାଙ୍କ ଦଳାଇଙ୍କୁ ଅତିଥିମାନେ ମାନପତ୍ର ଓ ଆର୍ଥିକ ସହଯୋଗ ମାଧ୍ୟମରେ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କାଳନ୍ଦୀ ଚରଣ ଛାଟୋଇ ମଞ୍ଚ ସଞ୍ଚାଳନ କରିଥିଲେ।

## ପିପିଲି ଏସ୍‌ଡିପିଓଙ୍କ ନେତୃତ୍ୱରେ ପଥରଖଣିରେ ଚଢ଼ଉ

ଡେଲାଙ୍ଗ,୨୧।୫(ସମିସ): ଡେଲାଙ୍ଗ ଅଞ୍ଚଳରେ ବେଧଡ଼କ ମାଙ୍କଡ଼ା ପଥର ଖନନ ଓ ମୋରମ୍ ଚୋରା ଚାଲାଣ ହେଉଥିବା ନେଇ ପିପିଲି ଏସ୍‌ଡିପିଓ ଦେବାଶିଷ୍ ମିଶ୍ରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଯମୁନା ଝାରପଡ଼ା ଅଞ୍ଚଳରେ ବେଆଇନ ଖଣି ଖନନ ବେଳେ ଏସ୍‌ଡିପିଓ ଶ୍ରୀ ମିଶ୍ରଙ୍କ ନେତୃତ୍ୱରେ ଡେଲାଙ୍ଗ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ଓ ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ୩ଟି ପାୱାର ଟିଲର, ୧ ଟ୍ରାକ୍ଟର, ୧ ଜେସିବି ଓ ୨ଟି ହାଇୱା ଜବତ କରିଛନ୍ତି। ପୁଲିସର ଚଢ଼ଉ ନେଇ ଖଣି ମାଫିଆଙ୍କ ମନରେ ଛନକା ଦେଖାଦେଇଛି। ସରକାରୀ ଜଙ୍ଗଲ ଜମିରେ ଖଣି ଖନନ କରାଯାଉଥିବା ବେଳେ ମାଫିଆମାନେ ଅନେକ ଗଛ କାଟି ଜଙ୍ଗଲ ଜମି ନଷ୍ଟ କରିପକାଉଛନ୍ତି। ଆଗାମୀ ଦିନରେ ଡେଲାଙ୍ଗ ଥାନା ଅଞ୍ଚଳରେ ଖଣି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ବେଆଇନ ଖଣି ଖନନ ଉପରେ ଚଢ଼ଉ ଜାରି ରହିବ ବୋଲି ଏସ୍‌ଡିପିଓ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

## ଡ୍ରେନେଜ୍ କାର୍ଯ୍ୟକୁ ବିରୋଧ; ପରିଦର୍ଶନ କଲେ ଅଧ୍ୟକ୍ଷା

ନିମାପଡ଼ା,୨୧।୫(ସମିସ): ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ବିଭିନ୍ନ ୱାର୍ଡରେ ଚାଲିଥିବା ଅଧିକାଂଶ ନିର୍ମାଣ କାର୍ଯ୍ୟ ଅନିୟମିତତା ହେଉଥିଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ। ଏଭଳି ଅଭିଯୋଗ ଆଣିଛନ୍ତି ଖୋଦ୍ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ। ରାସ୍ତାଘାଟଠାରୁ ଆରମ୍ଭ କରି ଡ୍ରେନ୍ ନିର୍ମାଣ ପାଇଁ ସରକାରୀସ୍ତରରେ କୋଟି କୋଟି ଟଙ୍କା ଅନୁଦାନ ଆସୁଥିଲେ ମଧ୍ୟ ଏହା ସଠିକ୍ ବିନିଯୋଗ ହେଉ ନ ଥିବା ସହ ଅଧ୍ୟକ୍ଷାଙ୍କୁ ବିନା ସୂଚନାରେ ଖର୍ଚ୍ଚ ହେଉଥିବା ଅଭିଯୋଗ ହୋଇଛି।



ସୂଚନା ଅନୁଯାୟୀ, ନିମାପଡ଼ା ଏନ୍‌ଏସି ୧୧ ନମ୍ବର ୱାର୍ଡ ଭୁବନିପୁର ଅଞ୍ଚଳରେ ଡ୍ରେନ୍ ନିର୍ମାଣ କାର୍ଯ୍ୟରେ ଅନିୟମିତତା ଦେଖି ଗ୍ରାମବାସୀ ଅଭିଯୋଗ କରିବା ପରେ ଅଧ୍ୟକ୍ଷା ଓ ସେଠାକାର କାଉନ୍‌ସିଲର ଘଟଣାସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟକୁ ତଦାରଖ କରିଥିଲେ। ଡ୍ରେନେଜ୍ ତଳୁଆ କରା ନ ଯାଇ ରାସ୍ତାଠାରୁ ୨ ଫୁଟ୍ ଉଚ୍ଚତାରେ କରାଯାଇଥିବା କାରଣରୁ ଡ୍ରେନେଜ୍ ପାଣି ଲୋକମାନଙ୍କ ଘରେ ପଶିବାର ସମ୍ଭାବନା ରହିଛି। ରାସ୍ତା ଖାଲ ହୋଇଥିବାରୁ ରାସ୍ତା ପାଣି ଡ୍ରେନେଜ୍ ଭିତରକୁ ଯିବାରେ ଅସୁବିଧା ସୃଷ୍ଟି ହେବ। ଏହାକୁ ନେଇ କେତେଜଣ ବ୍ୟକ୍ତି ସୋସିଆଲ୍ ମିଡିଆରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ କହିଥିବାବେଳେ ଏହି ଗ୍ରାମର ଶତାଧିକ ବ୍ୟକ୍ତି ଏପରି ଡ୍ରେନ୍ କାର୍ଯ୍ୟକୁ ବିରୋଧ କରି ରାସ୍ତାଠାରୁ କମ୍ ଉଚ୍ଚତାରେ ଡ୍ରେନ୍ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି। ପରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନିୟମିତତା ବିଷୟରେ କହିବା ସହ ନିର୍ମାଣ କାର୍ଯ୍ୟସ୍ଥଳକୁ ଆସି ବୁଲି ଦେଖିବାକୁ କହିଥିଲେ। କିନ୍ତୁ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟକ୍ଷାଙ୍କ କଥାକୁ ଖାତିର୍ ନ କରିବା ସହ ବିଭିନ୍ନ କାମର ବାହାନା ଦେଖାଇ ନିର୍ମାଣ ସ୍ଥଳକୁ ଯାଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ନିର୍ମାଣ କାର୍ଯ୍ୟ ଆରମ୍ଭରୁ ଏନ୍‌ଏସିର କୌଣସି ଅଧିକାରୀ ସେଠାକୁ ତଦାରଖ କରିବାକୁ ଯାଇ ନ ଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଠିକାଦାର ଡ୍ରେନ୍ ନିର୍ମାଣ କାର୍ଯ୍ୟ ମନଇଚ୍ଛା କରିବା ସହିତ ରାସ୍ତାଠାରୁ ୨ ଫୁଟ୍ ଉଚ୍ଚ କରିଥିବାବେଳେ ବସବାସ କରୁଥିବା ସ୍ଥାନୀୟ ଲୋକ ବର୍ଷା ଦିନେ ଜଳବନ୍ଦୀ ସମସ୍ୟା ଭୋଗିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟପଟେ ଯାତାୟାତରେ ବିଭିନ୍ନ ସମସ୍ୟା ଉପୁଜିଥିବା ନେଇ ଅଭିଯୋଗ ହୋଇଛି।

## ପୂର୍ବ ବିବାଦକୁ ନେଇ ସଙ୍ଘର୍ଷ; ୩ ଆହତ

ନୟାହାଟ,୨୧।୫(ସମିସ): ଗୁରୁବାର ରାତି ୧୦ଟା ୪୫ରେ ବରଗୋରଡ଼ା କନ୍ତିଲ ହରିଜନ ସାହିରେ ପୂର୍ବ ବିବାଦକୁ କେନ୍ଦ୍ରକରି ସଙ୍ଘର୍ଷ ଘଟି ଦୁଇ ମହିଳାଙ୍କ ସମେତ ତିନିଜଣ ଆହତ ହୋଇଛନ୍ତି। ଆହତ ଅବସ୍ଥାରେ ଅଶୋକ ଭୋଇଙ୍କ ସ୍ତ୍ରୀ ମିନା ଭୋଇ (୪୨), ଆରତ ଭୋଇଙ୍କ ସ୍ତ୍ରୀ ଝରଣା ଭୋଇଙ୍କୁ ଚିକିତ୍ସା ପାଇଁ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି।

## ନିମାପଡ଼ା ପ୍ରେସ୍ କ୍ଲବ୍‌ର ବନ୍ଧୁମିଳନ

ନିମାପଡ଼ା,୨୧।୫(ସମିସ): ବୁଧବାର ଅସ୍ତରଙ୍ଗ କେଲୁଣୀ ମୁହାଣଠାରେ ନିମାପଡ଼ା ପ୍ରେସ୍ କ୍ଲବ୍‌ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅକ୍ଷୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ଶରତ ସେନାପତି, ବିଚିତ୍ରାନନ୍ଦ ସାହୁ, ସଞ୍ଜୟ ପତି, ପ୍ରଫୁଲ୍ଲ କୁମାର କର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବୀରଞ୍ଜନ ମଲ୍ଲିକ, ମିଳନ ମହାନ୍ତି, ସମ୍ପାଦକ ରମାକାନ୍ତ ବେହେରା, ପ୍ରଦ୍ୟୁମ୍ନ ବେହେରା, ବିଶ୍ୱଜିତ୍ ମିଶ୍ର, ତପନ ପଣ୍ଡା, ସୁଦର୍ଶନ ବେହେରା, ପ୍ରଶାନ୍ତ ନାୟକ, ଆଶିଷ ମିଶ୍ର, ଜୋସେଫ୍ ଲେଙ୍କା, ନାଳିନୀକାନ୍ତ ପଟ୍ଟନାୟକ, ସନ୍ତୋଷ ବରାଳ, ଅରୁଣ ମହାପାତ୍ର, ସତ୍ୟଜିତ୍ ଆଚାର୍ଯ୍ୟ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସାହୁ, କ୍ଷୀତିଶ ପ୍ରସାଦ ମହାନ୍ତି (ରୁବେଲ), ଦେବାଶିଷ ନନ୍ଦୀ, ମୋହନ ପାତ୍ର ପ୍ରମୁଖ ଯୋଗଦେଇ ଖୁସି ମନାଇବା ସହିତ ସଂଗଠନକୁ ମଜଭୁତ କରିବା ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବାକୁ ଶପଥ ନେଇଥିଲେ।



## ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ମେଧା ସମ୍ମାନ

ପିପିଲି,୨୧।୫(ସମିସ): ପିପିଲି ଜବାହର ବିଦ୍ୟାପୀଠଠାରେ ପିପିଲି ବ୍ଲକ୍ ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ପିପିଲି ମେଧା ସମ୍ମାନ ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ସଭାପତି ରାମଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପିପିଲି କଲେଜ ଅଧ୍ୟକ୍ଷ ସଦାଶିବ ଦାଶ, ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ବ୍ଲକ୍ ଶିକ୍ଷା ଅଧିକାରୀ ପୀତବାସ ସେଠୀ, ଜବାହର ବିଦ୍ୟାପୀଠ ପ୍ରଧାନଶିକ୍ଷକ ନିରଞ୍ଜନ କର ଏବଂ ସଂଘର ଉପସଭାପତି ସଚ୍ଚିଦାନନ୍ଦ ନାୟକ ଅତିଥିଭାବେ ଯୋଗଦେଇ ଉକ୍ତ ଉତ୍ସବର ମହତ୍ୱ ଓ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ଅର୍ଜୁନ ଘଡ଼େଇ ସ୍ୱାଗତ ଭାଷଣ ଦେବା ସହ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ରଘୁନାଥ ଜେନା ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାମଞ୍ଚରେ ଚଳିତ ବର୍ଷ ମାଟ୍ରିକ୍‌ରେ ବ୍ଲକ୍‌ରେ ସର୍ବାଧିକ ନମ୍ବର ରଖିଥିବା ପ୍ରତିଭା ପ୍ରିୟଦର୍ଶିନୀ ବେହେରାଙ୍କ ସମେତ ଏ-୧ରେ ପାସ୍ କରିଥିବା ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।





## ■ ରବି ଧାନ ବିକ୍ରି ପାଇଁ ପୁଣି ଚିନ୍ତାରେ ଚାଷୀ

# ଚାଷୀଙ୍କ ପାଖକୁ ଟୋକନ ଆସିଲାଣି; ମଣ୍ଡି ଖୋଲୁନି

କଣାସ,୨୧।୫(ସମିସ): ରାଜ୍ୟ ସରକାର ଚାଷୀମାନଙ୍କ ପ୍ରଗତି ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ ସୁବିଧାରେ ଓ ଉଚିତ୍ ଦରରେ ଧାନ ବିକ୍ରି କରିବା ପାଇଁ ବିଭିନ୍ନ ବ୍ଲକ୍‌ରେ ଧାନ ମଣ୍ଡିମାନ ଖୋଲି ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରି ସେମାନଙ୍କଠାରୁ ଧାନ କିଣିବା ପାଇଁ ଯୋଜନା କରିଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକ୍‌ରେ ଚାଷୀମାନେ ରବି ଧାନ ବିକ୍ରି କରିବା ପାଇଁ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିଥିଲେ। ଯେଉଁ ଚାଷୀମାନେ ନାମ ପଞ୍ଜୀକରଣ କରିଥିଲେ ସେମାନେ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଗତ ୧୪ ତାରିଖଠାରୁ ଟୋକନ୍ ପହଞ୍ଚିଗଲାଣି, କିନ୍ତୁ କଣାସ ବ୍ଲକ୍‌ର କୌଣସି ପଞ୍ଚାୟତରେ ମଣ୍ଡି ଖୋଲାଯାଇ ନାହିଁ କି କେଉଁ ସମବାୟ ସମିତି କେତେ ଧାନ କିଣିବ ଓ ମିଲରଙ୍କୁ ସମବାୟ ସହି ଏପର୍ଯ୍ୟ ଟ୍ୟାଗ୍ କରାଯାଇ ନାହିଁ। ସେମାନଙ୍କ ପାଖକୁ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶ ଆସି ନ ଥିବା ମଣ୍ଡି ଦାୟିତ୍ୱରେ ଥିବା ବିଭିନ୍ନ ସମବାୟ ସମିତିର ସମ୍ପାଦକମାନେ କୁହନ୍ତି, ଯଦ୍ୱାରା କି ଚାଷୀମାନେ ବିଭିନ୍ନ ଋଣ ସୁଝିବା ପାଇଁ ଶାଗ ମାଛ ଦରରେ ଆନ୍ଧ୍ର ବେପାରୀମାନଙ୍କୁ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି।

## ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶିତ

# ଯୁଜିଏସ୍‌ରେ ବିଶ୍ୱଜିତା ଟପ୍ପର

ସାକ୍ଷୀଗୋପାଳ,୨୧।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ଯୁକ୍ତ ଦୁଇ କଳା ପରୀକ୍ଷା ଫଳରେ ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଚମତ୍କାର ପ୍ରଦର୍ଶନ କରିଛନ୍ତି। ମହାବିଦ୍ୟାଳୟର ଶୃଙ୍ଖଳିତ ଶିକ୍ଷାଦାନ ଓ ପରୀକ୍ଷାର୍ଥୀଙ୍କ ନିଷ୍ଠା ଯୋଗୁଁ ଚଳିତ ବର୍ଷ ପରୀକ୍ଷା ଫଳ ବେଶ୍ ଉତ୍ସାହଜନକ ରହିଛି। କଲେଜ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଚଳିତ ବର୍ଷ କଳା ବିଭାଗରୁ ମୋଟ୍ ୫୦୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୯ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୧୨୧ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୨୦୧ ଜଣ ତୃତୀୟ ଶ୍ରେଣୀରେ ସଫଳତା ପାଇଛନ୍ତି। ଚଳିତ ପରୀକ୍ଷାରେ ମହାବିଦ୍ୟାଳୟର କୃତୀ ଛାତ୍ରୀ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଅଳଗୁମ ପଞ୍ଚାୟତର ଐଶାନ୍ୟପଡ଼ା ଗ୍ରାମର ବିଶ୍ୱଜିତା ସେନାପତି ସର୍ବାଧିକ ୫୩୯ ନମ୍ବର ରଖି କଲେଜ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ଏହି ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସେ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଏବଂ ଆର୍‌ଏନ୍ ଟ୍ୟୁଟୋରିଆଲର ଶିକ୍ଷକ ମଣ୍ଡଳୀଙ୍କୁ ସମସ୍ତ ଶ୍ରେୟ ପ୍ରଦାନ କରିଛନ୍ତି। ସେହିପରି ଉକ୍ତ ମହାବିଦ୍ୟାଳୟର +୨ ବିଜ୍ଞାନ ବିଭାଗରେ ନିକିତା ପରମାଣିକ ୫୦୩ ନମ୍ବର ରଖି ଟପ୍ପର ହୋଇଛନ୍ତି। ବିଜ୍ଞାନ ବିଭାଗରେ ପ୍ରଥମ ଶ୍ରେଣୀରେ ୧୧ଜଣ, ଦ୍ୱିତୀୟ ଶ୍ରେଣୀରେ ୫ ଜଣ ଓ ତୃତୀୟ ଶ୍ରେଣୀରେ ଜଣେ ଉତ୍ତୀର୍ଣ୍ଣ ହୋଇଛନ୍ତି। +୨ ବାଣିଜ୍ୟ ବିଭାଗରେ ଲୋପାମୁଦ୍ରା ସ୍ୱାଇଁ ୪୩୫ ନମ୍ବର ରଖି ବିଭାଗୀୟ ଟପ୍ପର ହୋଇଛନ୍ତି। ବାଣିଜ୍ୟ ବିଭାଗରେ ପ୍ରଥମ ଶ୍ରେଣୀରେ ୪, ଦ୍ୱିତୀୟ ଶ୍ରେଣୀରେ ୫ ଓ ତୃତୀୟ ଶ୍ରେଣୀରେ ୨୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।



## ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

ଚାରିଛକ,୨୧।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ପରିଚାଳିତ +୨ ପରୀକ୍ଷା ଫଳ ପ୍ରକାଶ ପାଇଛି। +୨ କଳାରେ ୨୪୧ ଜଣ ଛାତ୍ରୀଙ୍କ ମଧ୍ୟରୁ ୫୦ ଜଣ ପ୍ରଥମ ଶ୍ରେଣୀ, ୫୬ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୧୦୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ଯାଜ୍ଞସେନୀ ଜେନା ୫୧୧ ନମ୍ବର ରଖି ମହାବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନରେ ୧୨୮ ଛାତ୍ରୀଙ୍କ ମଧ୍ୟରୁ ୮୪ଜଣ ପ୍ରଥମ, ୩୮ ଜଣ ୨ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ବିଭାଗରେ ମଧୁସ୍ମିତା ଭୋଇ ୫୫୯ ନମ୍ବର ରଖି ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି। ବାଣିଜ୍ୟ ବିଭାଗରେ ୧୯ ଜଣ ଛାତ୍ରୀଙ୍କ ମଧ୍ୟରୁ ୨ଜଣ ପ୍ରଥମ, ୧୧ଜଣ ଦ୍ୱିତୀୟ ଏବଂ ୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନନ୍ୟା ସ୍ୱାଇଁ ବାଣିଜ୍ୟରେ ୪୫୦ ନମ୍ବର ରଖି ମହାବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ୧୮ ଜଣ ଛାତ୍ରୀଙ୍କ ମଧ୍ୟରୁ ୪ ଜଣ ୧ମ, ୭ ଜଣ ୨ୟ ଏବଂ ୬ ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାର ୨ଟି ବିଭାଗରେ ଛାତ୍ରୀ ସୁଶ୍ରୀତା ସାମନ୍ତରାୟ ଏବଂ ସ୍ମରଣିକା ନାୟକ ଟପ୍ପର ହୋଇଛନ୍ତି। ଛାତ୍ରୀମାନଙ୍କର ସଫଳତାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅଶୋକ ବିଶ୍ୱାଳ ଖୁସିବ୍ୟକ୍ତ କରିବା ସହ ଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## କଣାସ ମହାବିଦ୍ୟାଳୟରେ ବିଜ୍ଞାନରେ ୫୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

କଣାସ,୨୧।୫(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଛି। କଣାସଠାରେ ପ୍ରତିଷ୍ଠିତ ଯୁକ୍ତ ଦୁଇ ମହାବିଦ୍ୟାଳୟର ୮୯ ବିଜ୍ଞାନ ପରୀକ୍ଷାର୍ଥି ମଧ୍ୟରୁ ୫୦ ଜଣ ପ୍ରଥମ ଶ୍ରେଣୀରେ, ୧୯ ଜଣ ଦ୍ୱିତୀୟ, ୮ ଜଣ ତୃତୀୟ, ୩ ଜଣ କମ୍ପାର୍ଟମେଣ୍ଟାଲରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୯ ଜଣ ଫେଲ୍ ହୋଇଛନ୍ତି। ସେହିପରି ୨୩୭ ଜଣ ଛାତ୍ରଛାତ୍ରୀ କଳା ପରୀକ୍ଷା ଦେଇଥିବାବେଳେ ୨୪ ଜଣ ପ୍ରଥମ, ୩୭ ଜଣ ଦ୍ୱିତୀୟ, ୧୪୧ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବାବେଳେ ୩୭ ଜଣ ଫେଲ୍ ହୋଇଥିବା ଜଣାପଡ଼ିଛି।

## ଜିଜ୍ଞାସା ଯୁକ୍ତ ୨ ବିଜ୍ଞାନରେ ୯୧% ରଖି ଉତ୍ତୀର୍ଣ୍ଣ

ކ

କଣାସ,୨୧।୫(ସମିସ): କଣାସ ବ୍ଲକ୍ ତ୍ରିଲୋଚନପୁର ପଞ୍ଚାୟତ ତ୍ରିଲୋଚନପୁର ଗ୍ରାମର ବରିଷ୍ଠ ସାମ୍ବାଦିକ ପ୍ରଶନ୍ନ ତ୍ରିପାଠୀଙ୍କ ନାତୁଣୀ ଗିରିଜା ପ୍ରସାଦ ତ୍ରିପାଠୀଙ୍କ କନ୍ୟା ଜିଜ୍ଞାସା ତ୍ରିପାଠୀ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୯୧ପ୍ରତିଶତ ନମ୍ବର ରଖି ଏ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେ ଦୈନିକ ୮ ଘଣ୍ଟା ପରିଶ୍ରମ କରୁଥିବାବେଳେ ପ୍ରଶାସନିକ ଅଧିକାରୀ ହେବା ପାଇଁ ଇଚ୍ଛା ରଖିଛନ୍ତି।



## ବିଷ୍ଣୁପ୍ରିୟା ନିମାପଡ଼ା କଲେଜ ବିଜ୍ଞାନରେ ଟପ୍ପର

ବଳଙ୍ଗା,୨୧।୫(ସମିସ): ବଳଙ୍ଗା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ +୨ କଳାରେ ୩୫୬ ଜଣ ପରୀକ୍ଷା ଦେଇଥିବାବେଳେ ୨୭୧ ଜଣ, ବାଣିଜ୍ୟରେ ୧୬, ବିଜ୍ଞାନରେ ୧୧ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଲଙ୍କେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବେରବୋଇ +୨ କଳାରେ ୧୨୫ ଛାତ୍ରୀଙ୍କ ମଧ୍ୟରୁ ୧୧୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବଳଙ୍ଗା ଥାନା ରୂପଦେଇପୁର ପଞ୍ଚାୟତ ଅଲାରପୁର ଗ୍ରାମର ବିଷ୍ଣୁପ୍ରିୟା ସାହୁ ନିମାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ବିଜ୍ଞାନ ବିଭାଗରେ ୫୫୮ ନମ୍ବର ରଖି କଲେଜ ଟପ୍ପର ହୋଇ କଲେଜ ସହିତ ବଳଙ୍ଗା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ବିଷ୍ଣୁପ୍ରିୟା ନିକଟସ୍ଥ ପିପିଲି ବ୍ଲକ୍ ରୂପଦେଇପୁର ପଞ୍ଚାୟତର ଅଲାରପୁର ଗ୍ରାମର ଶତ୍ରୁଘ୍ନ ସାହୁ ଓ ଅନ୍ନପୂର୍ଣ୍ଣା ସାହୁଙ୍କ କନ୍ୟା। ତାଙ୍କର ଏହି ସଫଳତା ପଛରେ କଲେଜ ଅଧ୍ୟାପକ ଅଧ୍ୟାପିକାଙ୍କ ସହିତ ବାପା-ମାଆଙ୍କ ଆଶୀର୍ବାଦ ରହିଥିବା ନେଇ ବିଷ୍ଣୁପ୍ରିୟା କହିଛନ୍ତି।



## ଆଦିତ୍ୟ ସ୍ୱରୂପ ସାହୁ ବିଜ୍ଞାନରେ ପ୍ରଥମ

ନିମାପଡ଼ା,୨୧।୫(ସମିସ): ନିମାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଦିତ୍ୟ ସ୍ୱରୂପ ସାହୁ ଚଳିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୫୭୬ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆଦିତ୍ୟ ଗୋପ ବ୍ଲକ୍ ମଧୁବନ ଗ୍ରାମର ଶିକ୍ଷକ ବ୍ରହ୍ମାନନ୍ଦ ସାହୁ ଓ ଶିକ୍ଷୟିତ୍ରୀ ଜୟଶ୍ରୀ ଦାସଙ୍କ ପୁତ୍ର ଏବଂ ନିମାପଡ଼ା ଏନ୍‌ଏସିର ବରିଷ୍ଠ କାଉନ୍‌ସିଲର ଧନୁର୍ଦ୍ଧର ଦାସଙ୍କ ନାତି ଅଟନ୍ତି। ଆଦିତ୍ୟ ଭବିଷ୍ୟତରେ ବିଜ୍ଞାନ କ୍ଷେତ୍ରରେ ଉଚ୍ଚଶିକ୍ଷା ଲାଭ କରିବାକୁ ଇଚ୍ଛା ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି। ସେହିପରି ଉକ୍ତ ବିଦ୍ୟାଳୟରେ କଳାରେ ସୁଧାଂଶୁବାଳା ପ୍ରଧାନ ୫୩୮ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ବାଣିଜ୍ୟରେ ସନ୍ତୋଷ ବେହେରା ୫୭୨ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଚଳିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଧନ୍ୟବାଦ ଜଣାଇଛନ୍ତି।



## ମା' ମଙ୍ଗଳା ମନ୍ଦିର ହୁଣ୍ଡି ଟେକିନେଲେ ଲୁଟେରା

ବ୍ରହ୍ମଗିରି,୨୧।୫(ସମିସ): ବୁଧବାର ବିଳମ୍ବିତ ରାତିରେ ମା' ମଙ୍ଗଳା ମନ୍ଦିର ହୁଣ୍ଡି ଟେକିନେଇଛନ୍ତି ଲୁଟେରା। ଗ୍ରାମର କିଛି ଦୂରରେ ଭଙ୍ଗା ହୋଇ ଦାନ ବାକ୍ସ ପଡ଼ିଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ବ୍ରହ୍ମଗିରି ପୁଲିସ ଛାନ୍‌ଭିନ୍ ଜାରିରଖିଛି।

ଖବର ନେବାରେ ଜଣାପଡ଼ିଛି, ବ୍ରହ୍ମଗିରି ଥାନା ଅନ୍ତର୍ଗତ ତରମାଳ ଗାଁ ମୁଣ୍ଡରେ ଥିବା ମଙ୍ଗଳା ମନ୍ଦିରରୁ ଦାନବାକ୍ସ ଲୁଟ୍ ହୋଇଛି। ଲୁଟେରାମାନେ ଦାନବାକ୍ସଟିକୁ ଟେକିନେଇ ସେଠାରୁ ୫ କିଲୋମିଟର ଦୂର ସାହୁପଡ଼ା ମୌଜାରେ ଭାଙ୍ଗି ଟଙ୍କା ନେଇ ଚମ୍ପଟ ମାରିଛନ୍ତି। ଘଟଣା ସମ୍ପର୍କରେ

**● ଦୁଇ ବର୍ଷ ହେବ ଖୋଲା ହୋଇନି**
**● ୪ ଲକ୍ଷରୁ ଅଧିକ ଟଙ୍କା ଥିବା ଅନୁମାନ**



ମନ୍ଦିରର ପୂଜକ ଦୁର୍ଯ୍ୟୋଧନ ସାହୁ ସୂଚନା ଦେଇଛନ୍ତି ଯେ, ବୁଧବାର ବିଳମ୍ବିତ ରାତିରେ ମନ୍ଦିର ତାଲା ପକାଇ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୩ଟାରେ ଉଠିବା ବେଳକୁ ଦେଖିଲେ ତାଙ୍କ ଶୋଇବା ଘରର କବାଟ ତାଲା ପଡ଼ିଛି। ପାଟିକରି ଡାକିବାରୁ ଗ୍ରାମର କିଛି ମହିଳା ଆସି କବାଟ ଖୋଲିଥିଲେ। ପରେ ଦେଖିଲେ ମା'ଙ୍କ ଦାନବାକ୍ସ ନାହିଁ। ଗ୍ରାମର ସବୁ ଲୋକ ଏକାଠି ହୋଇ ପ୍ରଥମେ ବ୍ରହ୍ମଗିରି ପୁଲିସକୁ ଖବର ଦେଇଥିଲେ। ସକାଳେ ଖବର ପାଇଲେ ଯେ ଦାନବାକ୍ସଟି ସାହୁପଡ଼ା ମୌଜାରେ ପଡ଼ିଛି। ଘଟଣାସ୍ଥଳରେ ବ୍ରହ୍ମଗିରି ପୁଲିସ ଓ ଗ୍ରାମବାସୀ ପହଞ୍ଚିଥିଲେ। ସେଠାରେ ଦେଖିଲେ ଦାନବାକ୍ସଟି ଭାଙ୍ଗି ଟଙ୍କା ସବୁ ନେଇଯାଇଛନ୍ତି। କେବଳ ଖୁଚୁରା ଟଙ୍କା କିଛି ସେହି ଜାଗାରେ ବିଛାଡ଼ି ହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ। ଉକ୍ତ ଦାନବାକ୍ସଟି ପ୍ରାୟ ଦୁଇବର୍ଷ ହେବ ଖୋଲାଯାଇ ନ ଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦାନବାକ୍ସରେ ପ୍ରାୟ ୪ ଲକ୍ଷରୁ ଅଧିକ ଟଙ୍କା ଥିବା ଅନୁମାନ କରାଯାଉଛି। ଘଟଣା ସମ୍ପର୍କରେ ଜାଣିବା ପରେ ବ୍ରହ୍ମଗିରି ପୁଲିସ ଖୁବ୍‌ଶୀଘ୍ର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଲୁଟେରାଙ୍କୁ ଧରାଯିବ ବୋଲି ପୁଲିସ କହିଛି।

## ଗୋ-ପାଳକଙ୍କୁ ମରଣାନ୍ତକ ଆକ୍ରମଣ ଓ ଲୁଟ୍‌ପାଟ୍ ଘଟଣା

# ଗୋ-ପାଳକଙ୍କ ପାଇଁ ଅଣ୍ଟା ଭିଡ଼ିଲା ଜିଲ୍ଲା ଯାଦବ ମହାସଭା

ଡେଲାଙ୍ଗ,୨୧।୫(ସମିସ): ଡେଲାଙ୍ଗ ଥାନା ଅଞ୍ଚଳରେ ଗତ ୧୨ ତାରଖରେ ୫ ଜଣ ଗୋ-ପାଳକଙ୍କୁ ବଜରଙ୍ଗ ଦଳ ଓ ହିନ୍ଦୁ ଜାଗରଣ ମଞ୍ଚର ପରିଚୟ ଦେଇ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ପୁଲିସ ପୃଥକ୍ ମାମଲା ରୁଜୁ କରିଥିଲା। ତେବେ ୫ ଜଣ ଗୋ-ପାଳକଙ୍କୁ ପୁଲିସ ଗିରଫ କରି କୋର୍ଟଚାଲଣ କରିଥିବାବେଳେ ପ୍ରତିପକ୍ଷରୁ କାହାରିକୁ ଗିରଫ କରାଯାଇ ନ ଥିବାରୁ ଜିଲ୍ଲା ଯାଦବ ମହାସଭା ପକ୍ଷରୁ ପୁରୀ ଏସ୍‌ପି ପ୍ରତୀକ୍ ସିଂହ ଓ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।



ସୂଚନା ଥାଉକି, ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷା ଋତୁ ଆଗମନ ପୂର୍ବରୁ ଗୋ-ପାଳକମାନେ ଗାଈଗୋରୁ ନେଇ ପରଙ୍ଗ (ପାହାଡ଼ିଆ) ଅଞ୍ଚଳକୁ ଯାଇଥା'ନ୍ତି। ବର୍ଷା ଋତୁ ଆସିଲେ ଗୋରୁ ଚରିବା ପାଇଁ ସୁବିଧା ନ ଥିବାରୁ ଗୋରୁମାନଙ୍କୁ ପାହାଡ଼ିଆ ଅଞ୍ଚଳକୁ ନେଇଥାନ୍ତି। ଗତ ୧୨ ତାରିଖ ରାତିରେ ପୋଡ଼ଙ୍ଗ ଗ୍ରାମର ଗୋ-ପାଳକ କୈଳାସ ବେହେରାଙ୍କ ପୁଅ ବିକାଶ ବେହେରା ସ୍ଥାନୀୟ ସରପଞ୍ଚଙ୍କଠାରୁ ଗୋ-ପାଳନର ଏକ ଲେଖା ସହିତ ତାଙ୍କ ସମ୍ପର୍କୀୟ ଶଶିକାନ୍ତ ବେହେରା ଓ ତାଙ୍କ ସହଯୋଗୀମାନଙ୍କ ସହିତ ଗୋରୁ ନେଇ ପରଙ୍ଗ ଯାଉଥିବାବେଳେ ଗଡ଼ମାଣିତ୍ରୀ ଗ୍ରାମରେ କେତେକ ଲୋକେ ବଜରଙ୍ଗ ଦଳର ପରିଚୟ ଦେଇ ଗୋ-ପାଳକଙ୍କୁ ଅଟକାଇ ଗୋ-ଚାଲାଣ ସନ୍ଦେହରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ତାଙ୍କଠାରୁ ମୋବାଇଲ୍ ଫୋନ୍, ବାଇକ୍ ଓ ୧୦୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଛଡ଼ାଇ ନେଇଥିବା ଗୋ-ପାଳକ କୈଳାସ ବେହେରା ଥାନାରେ ଅଭିଯୋଗ କରିଥିଲେ। ଗୋ-ପାଳକଙ୍କୁ ଆକ୍ରମଣ ଖବର ପାଇ ଡେଲାଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ପରେ ଗୋ-ପାଳକମାନଙ୍କୁ ଗୋ-ଚାଲଣ ଅଭିଯୋଗରେ ଗିରଫ କରି ଅଦାଲତ ପଠାଇଥିଲେ। ଅନ୍ୟପଟେ ପୁଲିସ ପକ୍ଷରୁ ସଠିକ୍ ତଦନ୍ତ କରା ନ ଯାଇ ନିରିହ ଗୋ-ପାଳକମାନଙ୍କୁ ଜେଲ୍ ପଠାଇବା ଘଟଣାକୁ ଯାଦବ ମହାସଭା ପକ୍ଷରୁ ନିନ୍ଦା କରାଯାଇଛି। ଏହା ସହିତ ଗୋ-ପାଳକମାନଙ୍କ ବିରୋଧରେ କରାଯାଇଥିବା ମିଥ୍ୟା ମାମଲାର ସଠିକ୍ ତଦନ୍ତ କରାଯାଇ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଗୋ-ପାଳକମାନଙ୍କ ସୁରକ୍ଷା ପାଇଁ ଯାଦବ ମହାସଭା ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ଦେବା ସମୟରେ ମହାସଭା ସମ୍ପାଦକ ଚିତ୍ରସେନ ବେହେରା, ସଞ୍ଜୟ ବେହେରା, ଦେବପ୍ରସାଦ ବେହେରା, ବ୍ରଜବନ୍ଧୁ ବେହେରା, ସନ୍ତୋଷ ବେହେରା, ଦ୍ୱିତୀକାନ୍ତ ବେହେରା, ବିଶ୍ୱଜିତ୍ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

୨୧/୫/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୪୨,୦୪୯/- ସୁନା:୦୦.୧୮୦ ଗ୍ରାମ୍ ରୁପା: ୫୫.୫୦୦ ଗ୍ରାମ୍



### ଜାତୀୟ ଲୋକମେଳା ଓ କୃଷି ମେଳା ସମନ୍ୱୟ ବୈଠକ

# ବିଭିନ୍ନ ରାଜ୍ୟରୁ ଯୋଗଦେବେ ୫୦୦ କଳାକାର

ପୁରୀ,୨୧।୫(ସମିସ): ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ଆନୁକୂଲ୍ୟରେ ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ଜୁନ୍ ୧ରୁ ୫ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ଅନୁଷ୍ଠିତ ହେବ ଚତୁର୍ବିଂଶ ଜାତୀୟ ଲୋକମେଳା ଓ ସପ୍ତଦଶ କୃଷିମେଳା। ଏ ଅବସରରେ ଭାରତ ବର୍ଷର ପ୍ରାୟ ସମସ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରେରିତ ଲୋକକଳା ସାଂସ୍କୃତିକ ଦଳ ନିଜ ନିଜ ରାଜ୍ୟର ଲୋକକଳା ପ୍ରଦର୍ଶନ କରିବେ। ଏଥିପାଇଁ କୋଲକାତା, ଦିମାପୁର, ପ୍ରୟାଗରାଜ, ପାଟିଆଲା, ଉଦୟପୁର, ନାଗପୁର ତଥା ତାଞ୍ଜାଭୁରସ୍ଥିତ ସାଂସ୍କୃତିକ ମଣ୍ଡଳ କେନ୍ଦ୍ରଗୁଡ଼ିକ ସେମାନଙ୍କ ସହଯୋଗର ହାତ ବଢ଼ାଇଛନ୍ତି। ଏହାର ସଫଳ ଆୟୋଜନ ଲାଗି ବୁଧବାର ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ସମନ୍ୱୟ ବୈଠକ ସ୍ଥାନୀୟ ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ଅଧ୍ୟକ୍ଷ ଆଚାର୍ଯ୍ୟ ହରେକୃଷ୍ଣ ଶତପଥୀ ଓ ସାଧାରଣ ସମ୍ପାଦକ




ରାଜେଶ କୁମାର ମହାନ୍ତି ଜାତୀୟସ୍ତରୀୟ ଲୋକମେଳା ଓ କୃଷି ମେଳା ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ରାଜ୍ୟରୁ ୫୦୦ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ଏକ ଜାତୀୟସ୍ତରୀୟ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେଉଛି। ଏହି ବୈଠକରେ ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଏସ୍‌ପି ଗୁଇନ୍ଦା ଦେବୀଶଙ୍କର ପ୍ରତାପ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଉପନିର୍ଦ୍ଦେଶକ ହସ୍ତଶିଳ୍ପ ପୁରୀ ବିଷ୍ଣୁପଦ ମାରାଣ୍ଡି, ସାଧାରଣ ପରିଚାଳକ ଜିଲ୍ଲା ଶିଳ୍ପ କେନ୍ଦ୍ର ମାନସ କୁମାର ବାରିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ମୁଖ୍ୟ ପଶୁସମ୍ପଦ ଅଧିକାରୀ ଡା. ଶରତ କୁମାର ବେହେରା, ଏଲ୍‌ଡିଏମ୍ ଅନିଲ ଭୋଇ, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ପୂଜାପଣ୍ଡା ନିଯୋଗ ସମ୍ପାଦକ ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର, ବରିଷ୍ଠ ଗୀତିକାର ଡ. ବଦ୍ରି ମିଶ୍ର, ଚକ୍ରଧର ମହାପାତ୍ର, ପୂର୍ବତନ ଜିଲ୍ଲା ଯୋଗାଣ ଅଧିକାରୀ ସନ୍ତୋଷ ମହାନ୍ତି, ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, କୋଷାଧ୍ୟକ୍ଷ ନାରାୟଣ ପାତ୍ର, ସଂଗଠନ ସମ୍ପାଦକ ସତ୍ୟବ୍ରତ ଦାସ, ଡ. ବିଶ୍ୱନାଥ ମିଶ୍ର, ଯୁଗ୍ମ ସମ୍ପାଦକ ବିଦ୍‌ରୋହ କେଶରୀ ସିଂହ, ଶିବସୁନ୍ଦର ମିଶ୍ର, ଭବାନୀ ଶଙ୍କର, ପୁଷ୍କର ସାହୁ, ପୂର୍ଣ୍ଣ ଚନ୍ଦ୍ର ଓଝା ପ୍ରମୁଖ ଯୋଗଦେଇଥିଲେ।

● ଭିତର ରତ୍ନ ଭଣ୍ଡାର ଗଣତିର ଅଷ୍ଟମ ଦିନ

## ୩୦ରେ ସ୍ଥଗିତ ରହିବ ଗଣତି କାର୍ଯ୍ୟ

ପୁରୀ,୨୧।୫(ସମିସ): ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ଭିତର ରତ୍ନଭଣ୍ଡାର ଗଣତିର ଅଷ୍ଟମ ଦିନ ତଥା ଗଣତିର ତ୍ରୟୋଦଶ ଦିବସ କଡ଼ା ସୁରକ୍ଷା ମଧ୍ୟରେ କରାଯାଇଛି। ଗଣତି ଶେଷ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଗୁରୁବାର ସନ୍ଧ୍ୟା ୬ଟା ୩୦ରେ ବାହାର ରତ୍ନ ଭଣ୍ଡାର ଦ୍ୱାର ଖୋଲାଯାଇ ଭିତର ରତ୍ନ ଭଣ୍ଡାରରେ ଗଣତି କରାଯାଇଥିଲା। ରାତି ୧୦ଟା ୧୦ରେ ଗଣତି ଶେଷ ହୋଇଥିଲା। ୩ ଘଣ୍ଟା ୪୦ ମିନିଟ୍ ଧରି ଗଣତି କରାଯାଇଛି। ମହାପ୍ରଭୁଙ୍କ ନୀତି ସମ୍ପାଦନରେ ବିଳମ୍ବ ଥିବାରୁ ଗଣତି ପ୍ରକ୍ରିୟା ଆରମ୍ଭରେ କିଛିଟା ବିଳମ୍ବ ହୋଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଟ୍ରେଜେରୀରୁ ଆସିଥିବା ଚାବି ଦ୍ୱାରା ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା। ସେହିପରି ଗଣତି ଶେଷ ହେବା ପରେ ଚାବି ବନ୍ଦ କରାଯାଇ ଜିଲ୍ଲା ଟ୍ରେଜେରୀରେ ରଖାଯାଇଛି। ଅଳଙ୍କାର ଚିହ୍ନଟ କରାଯିବା ପରେ ତାହାକୁ ଫଟୋଗ୍ରାଫି, ଭିଡିଓଗ୍ରାଫି ଓ ଥ୍ରୀଡି ମ୍ୟାପିଙ୍ଗ୍ ସହ ଓଜନ ମାପ କରାଯାଉଛି। ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟ କରାଯାଉଛି। ଗଣତି ସମୟରେ ଭକ୍ତମାନେ ବାହାର କାଠରୁ ଦର୍ଶନ କରୁଛନ୍ତି। ମହାପ୍ରଭୁଙ୍କ ସେବା ଓ ନୀତିରେ କୌଣସି ସମସ୍ୟା ସୃଷ୍ଟି ହୋଇନାହିଁ। ୨୩ ତାରିଖରେ ପୁନର୍ବାର ଗଣତି କାର୍ଯ୍ୟ ଆରମ୍ଭ ହେବ। ଚଳିତ ମାସର ୨୬, ୨୮, ୨୯ ତାରିଖରେ ଗଣତି କାର୍ଯ୍ୟ କରାଯିବ। ପୂର୍ବରୁ ୩୦ ତାରିଖ ଗଣତି କାର୍ଯ୍ୟ ହେବାକୁ ସ୍ଥିର ହୋଇଥିଲେ ମଧ୍ୟ ଶନିବାର ପଡୁଥିବାରୁ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ୩୦ ତାରିଖରେ ଗଣତି କାର୍ଯ୍ୟ ବନ୍ଦ ରହିବ। ୩୧ ତାରିଖରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ। ଜୁନ୍ ପ୍ରଥମ ସପ୍ତାହରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ। ସେଠାରେ ଆଲୋଚନା କରାଯିବ। ଆଲୋଚନା ପରେ ଯେଉଁ ଦିନ ଧାର୍ଯ୍ୟ ହେବ ଉକ୍ତ ଦିନମାନଙ୍କରେ ଗଣତି କାର୍ଯ୍ୟ ଆରମ୍ଭ ହେବ। ବର୍ତ୍ତମାନ ସୁଦ୍ଧା ୩ଟି ସିନ୍ଧୁକର ବ୍ୟବହାର ହୋଇଛି ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସୂଚନା ଦେଇଛନ୍ତି।

## ନାବାଳକ ଅପହରଣ ଅଭିଯୋଗରେ ଯୁବକ ଗିରଫ

ପୁରୀ,୨୧।୫(ସମିସ): ଜଣେ ନାବାଳକକୁ ପ୍ରଲୋଭନ ଦେଖାଇ ଅପହରଣ ଉଦ୍ୟମ ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଉଛନ୍ତି କନ୍ଧମାଳ ଜିଲ୍ଲା ଚକପଦା ଥାନା ଚାହାଳିଆ ଗ୍ରାମର ସଞ୍ଜୟ ନାୟକ (୨୩)। ବୁଧବାର ନରେନ୍ଦ୍ରକୋଣ ଗୋପାଳଜୀ ମଠସାହିର ଗୋବିନ୍ଦ ରଥ ଅଭିଯୋଗ କରିଥିଲେ ଯେ, ବୁଧବାର ରାତି ପ୍ରାୟ ୯ଟା ୪୫ରେ ଜଣେ ଅଜଣା ଯୁବକ ତାଙ୍କ ପୁଅ ଶୁଭମ୍‌ଙ୍କୁ ପ୍ରଲୋଭନ ଦେଖାଇ ସାଙ୍ଗରେ ନେଇଯାଉଛି। ସ୍ଥାନୀୟ ଲୋକେ ସନ୍ଦେହ କରି ଯୁବକଙ୍କୁ ଅଟକାଇ ଶିଶୁଟିକୁ ଉଦ୍ଧାର କରିଥିଲେ। ଖବର ପାଇ କୁମ୍ଭାରପଡ଼ା ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଅଟକ ରଖିଥିଲା। ତଦନ୍ତ ପରେ ଗୁରୁବାର ତାଙ୍କୁ ଗିରଫ କରିଥିଲା ପୁଲିସ।

## ଧାନକିଣାରେ ଅବ୍ୟବସ୍ଥା; ଚାଷୀଙ୍କ ଧାରଣା




ପୁରୀ,୨୧।୫(ସମିସ): ଧାନ କିଣାରେ ଅବ୍ୟବସ୍ଥା ବିରୋଧ ସମେତ ଅନ୍ୟାନ୍ୟ ଦାବିରେ ପୁରୀ ସଦର ବ୍ଲକ୍ ହନ୍ତୁକ ଗ୍ରାମର ଚାଷୀମାନେ ଗୁରୁବାର ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ କନକଲତା ପତି, ଦେବଦତ୍ତ ପ୍ରଧାନ, ରବି ନାରାୟଣ ଜେନା ପ୍ରମୁଖ ଏହି ଧାରଣାର ନେତୃତ୍ୱ ନେଇଥିଲେ। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଗୋବର୍ଦ୍ଧନପୁର ବ୍ୟାରେଜ୍ ସେଚ ଅଞ୍ଚଳର ଚାଷୀ ରବି ଧାନ ଉପରେ ନିର୍ଭରଶୀଳ। ମେ' ମାସରୁ ଧାନ କିଣା ହେବା କଥା, ହେଲେ ମୌସୁମୀ ଆଗମନ ପରେ ବି କିଣା ବ୍ୟବସ୍ଥା ନାହିଁ। ତେଣୁ ସେମାନେ ୫ ଦଫା ଦାବି ନେଇ ଏହି ଧାରଣା ଦେଇଛନ୍ତି। ଏହି ଦାବିଗୁଡ଼ିକ ମଧ୍ୟରେ ଚାଷ ଜମି ଅନୁସାରେ ଟୋକନରେ ଧାନର ପରିମାଣ ନିର୍ଦ୍ଧାରଣ, ପ୍ରତିବର୍ଷ ସରକାରୀ/ବେସରକାରୀ କ୍ଷେତ୍ରରେ ଏମ୍‌ଏସ୍‌ପିରେ ଧାନ କିଣା ସୁନିଶ୍ଚିତ, ଏଫ୍‌ଏକ୍ୟୁ ଧାନର ମାନ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇ ଧାନରେ ଅଜୈବିକ ପଦାର୍ଥ ଓ ଆର୍ଦ୍ରତା ଅଂଶ ଲିଖିତ ଭାବେ ପ୍ରଦାନ, ହନ୍ତୁକ ସମବାୟ ସମିତିର ପଞ୍ଜିକୃତ ଚାଷୀଙ୍କ ସମସ୍ତ ଧାନ ସରକାରୀସ୍ତରରେ କିଣିବା ଏବଂ ଉତ୍ତମ ଅଖା ଯୋଗାଣ କିମ୍ବା ତା'ର ଅର୍ଥ ପ୍ରଦାନ ପାଇଁ ଦାବି କରାଯାଇଛି। ପୂର୍ବରୁ ଚାଷୀମାନେ ବାରମ୍ବାର ଏହି ଦାବି କରୁଥିଲେ ମଧ୍ୟ ସରକାର ନିରବ ରହିବାରୁ ଚାଷୀମାନେ ଧାରଣା ଦେବାକୁ ବାଧ୍ୟ ହୋଇଥିବା କହିଛନ୍ତି।

### ରଥଖଳାରୁ...

## ଶେଷ ପର୍ଯ୍ୟାୟରେ ଗରଗରା ଚଉପଟ



ପୁରୀ,୨୧।୫(ସମିସ): ରଥଯାତ୍ରା ପାଇଁ ରଥ ନିର୍ମାଣ ଦ୍ରୁତଗତିରେ ଆଗେଇ ଚାଲିଛି। ପରମ୍ପରା ଅନୁଯାୟୀ, ସ୍ନାନ ପୂର୍ଣ୍ଣିମାକୁ ତିନିରଥର ଚକ, ଅଖ ଏବଂ ଦଣ୍ଡା ସଂଯୋଗ ହୋଇ ଗରଗରା ଉପରେ ଚାରିନାହାକା ଉଠିଥାଏ। ତେଣୁ ଏହାକୁ ନଜରରେ ରଖି ରଥ ନିର୍ମାଣକାରୀ କାମକୁ ଗତିଶୀଳ କରିଛନ୍ତି। ତିନିରଥର ପାଞ୍ଚ ଦଣ୍ଡା ନିର୍ମାଣ ପାଇଁ ବାହାର ରଥ ଖଳାରେ ସାଇତା ଯାଇଛି ୪୦ ଫୁଟିଆ ଦଣ୍ଡା କାଠ। ଦର୍ପଦଳନ ରଥର ପାଞ୍ଚ ଦଣ୍ଡା ସହ ଦୁଇ ପାର୍ଶ୍ୱର ଗୋଟିଏ ଗୋଟିଏ ଦଣ୍ଡାକୁ ମିଶାଇ ମୋଟ ୭ଟି ଦଣ୍ଡା ଲାଗୁଥିବା ବେଳେ ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ପାଞ୍ଚ ଦଣ୍ଡା ସହ ଦୁଇଟି ଲେଖାଏଁ ପାର୍ଶ୍ୱ ଦଣ୍ଡାକୁ ମିଶାଇ ମୋଟ ୯ଟି ଲେଖାଏଁ ଦଣ୍ଡା ସଂଯୋଗ ହୋଇ ଫ୍ରେମ୍ ପ୍ରସ୍ତୁତ ହେବ। ବୁଧବାରଠାରୁ ଭୂଇଁ ଚଉତାର ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୁରୁବାର ସୁଦ୍ଧା ତିନିରଥ ଭୂଇଁ ଚଉତାଗୁଡ଼ିକର ଗୋଟିଏ ଗୋଟିଏ ପାର୍ଶ୍ୱରେ ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଶୁକ୍ରବାରଠାରୁ ଅପର ପାର୍ଶ୍ୱର ବିନ୍ଧ କାର୍ଯ୍ୟ ଆରମ୍ଭ ହେବ। ପ୍ରତି ଭୂଇଁ ଚଉତାରେ ଚାରୋଟି ଲେଖାଏଁ ପାଖୁଡ଼ା ବିନ୍ଧ ସହ ଦୁଇଟି ଲେଖାଏଁ ଖମ୍ବୀ ଏହିପରି ୧୨ଟି ଲେଖାଏଁ ଭୂଇଁ ଚଉତାରେ ୭୨ ବିନ୍ଧ କାର୍ଯ୍ୟ ହେଉଛି। ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଗରଗରାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାରଣା ସେବକମାନେ ନାହାକା, ପଡ଼ି ନାହାକା, ବଡ଼ ଉଚ୍ଛୁଳା ଏବଂ ସାନ ଉଚ୍ଛୁଳା ଅଖ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ରୂପକାର ସେବକମାନେ ସାଲ ଗୁଜ ଏବଂ ତୀଖ ଗୁଜରେ ସିଂହ ବିରଳ ରୂପ ଖୋଦେଇ କରୁଛନ୍ତି। ଏଥିସହ ରୂପ ପଲିସ୍ ଏବଂ ସେଥିରେ ଅଳଙ୍କାର ପକା କାର୍ଯ୍ୟ ଜାରି ରଖିଛନ୍ତି।

ତିନିରଥର କରତି ସେବକମାନେ ତାଳଧ୍ୱଜ ରଥର ୪୦ ଫୁଟିଆ "ପୋଲ ଗୟଳ' କାଠର ଉଭୟ ପାର୍ଶ୍ୱରେ ଚିତା କାର୍ଯ୍ୟ ବା ସମତଳ କାର୍ଯ୍ୟ ଶେଷ କରିଛନ୍ତି। ଚିରଟ ପାଇଁ ଭାରା ବନ୍ଧା କାର୍ଯ୍ୟ ସାରିଥିବା ବେଳେ ଶୁକ୍ରବାରଠାରୁ ତାଳଧ୍ୱଜ ରଥ ପୋଲ ଗୟଳର ଚିରଟ ଆରମ୍ଭ ହେବ। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନି ରଥର ଦଣ୍ଡା କଣ୍ଟା ନିର୍ମାଣ ସହ ପିତ୍ତଳ ନଦା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ଆଇଏମ୍‌ଟି ଫାର୍ମାସୀ କଲେଜରେ କ୍ୟାମ୍ପସ୍ ନିଯୁକ୍ତି ମେଳା

ପୁରୀ,୨୧।୫(ସମିସ): ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜ ପକ୍ଷରୁ କ୍ୟାମ୍ପସ୍ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ନିଯୁକ୍ତି ଚୟନ ପ୍ରକ୍ରିୟା ୩ଟି ଭିନ୍ନ ଦିବସ ଯଥା- ଗତ ଏପ୍ରିଲ ୧୩, ୧୭ ଏବଂ ଚଳିତ ମାସ ୧୫ ତାରିଖରେ କଲେଜ କ୍ୟାମ୍ପସ୍ ମଧ୍ୟରେ ଆୟୋଜିତ ହୋଇଥିଲା। ପ୍ରତିଷ୍ଠିତ ଔଷଧ କମ୍ପାନୀ ଆଲ୍‌କେମୀର ଏକ ଉଦ୍ୟୋଗ ଇଣ୍ଡିକେମ୍ ତରଫରୁ ଗୁଣବତ୍ତା ବିଭାଗ ମୁଖ୍ୟ ଚନ୍ଦ୍ର ପ୍ରକାଶ ତ୍ରିପାଠୀ ଓ ମାନବ ସମ୍ବଳ ବିଭାଗ ମୁଖ୍ୟ ପ୍ରମୋଦ କୁମାର ସିଂହ ଗତ ୧୫ ତାରିଖରେ ଏହି ଚୟନ ପ୍ରକ୍ରିୟାକୁ ପରିଚଳନା କରିଥିଲେ। ଇଣ୍ଡିକେମୀ ଉଦ୍ୟୋଗର ସାକ୍ଷାତ୍‌କାରରେ ୧୫ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି।



ଅନ୍ୟ ଦୁଇ ଔଷଧ କମ୍ପାନୀ ଯଥା- ମାକ୍‌ଲର୍ଡ୍‌ସ ଓ ସନ୍ ଫାର୍ମାସ୍ୟୁଟିକାଲ୍‌ର ଚୟନ ପ୍ରକ୍ରିୟା ଗତ ଏପ୍ରିଲ ମାସରେ ସମ୍ପନ୍ନ ହୋଇଥିଲା। ଏପ୍ରିଲ ୧୩ରେ ମାକ୍‌ଲର୍ଡ୍‌ସ, ହିମାଞ୍ଚଳ ପ୍ରଦେଶ ଉଦ୍ୟୋଗ ମୁଖ୍ୟ ପରିଚାଳକ କୃଷ୍ଣ ଚନ୍ଦ୍ର ଗୁପ୍ତା ଓ ସିକ୍କିମ୍ ଶାଖା ମାନବ ସମ୍ବଳ ମୁଖ୍ୟ ଭାସ୍କର ଶର୍ମା ଉକ୍ତ ଚୟନ ପରୀକ୍ଷାକୁ ନିରୀକ୍ଷଣ କରିଥିଲେ। ଏଥିରେ ଆଇଏମ୍‌ଟି ଫାର୍ମାସୀ କଲେଜର ୩୮ ଜଣ ବି.ଫାର୍ମ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୨ ଜଣ ସଫଳ ହୋଇଛନ୍ତି। ସେହିପରି ଏପ୍ରିଲ ୧୭ ତରିଖରେ ପ୍ରତିଷ୍ଠିତ ଔଷଧ ନିର୍ମାଣକାରୀ ସନ୍ ଫାର୍ମା ଏକ ଚୟନ ପରୀକ୍ଷା ଆଭାସୀ ମାଧ୍ୟମରେ କରାଇଥିଲେ। ସନ୍ ଫାର୍ମା ଗୁଜରାଟର ମାନବସମ୍ବଳ ମୁଖ୍ୟ ଧରମ୍‌ବୀର୍ ମାଇନା ଏହି ଚୟନ ପ୍ରକ୍ରିୟା ନିରୀକ୍ଷଣ କରିଥିଲେ। ଏଥିରେ ଡି.ଫାର୍ମ ବିଭାଗରୁ ୩୮ ଓ ବି.ଫାର୍ମରୁ ୨୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ସମୁଦାୟ ୧୧ ଜଣ ସଫଳ ହୋଇଥିଲେ। କୃତକାର୍ଯ୍ୟ ହୋଇଥିବା ସମସ୍ତ ୪୮ ଜଣ ଛାତ୍ରଛାତ୍ରୀଙ୍କୁ ଆଇଏମ୍‌ଟି କଲେଜର ନିର୍ଦ୍ଦେଶକ ମନୋଜ ରଥ, ଡ. ଅନ୍ନଦା ପ୍ରସାଦ ମହାପାତ୍ର ଓ ଅଧ୍ୟକ୍ଷ ପ୍ରଫେସର ଅଗ୍ନିମିତ୍ର ଦିଣ୍ଡା ଶୁଭେଚ୍ଛା ଜଣାଇଛନ୍ତି। ଏହି ଚୟନ ପ୍ରକ୍ରିୟାକୁ କଲେଜର ଉପାଧ୍ୟକ୍ଷ ଡ. ତୁଷାର ରଞ୍ଜନ ମହାପାତ୍ର, ଡ. ନିଗମ ଜ୍ୟୋତି ମାଇତି, ଅଧ୍ୟାପିକା ଜ୍ୟୋତିର୍ମୟୀ ଦାଶ, ଅଧ୍ୟାପକ ସ୍ମୃତିକ ଦାଶ ଏବଂ ଅଭିମନ୍ୟୁ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।

## ଛୁରି ଦେଖାଇ ଦାଦାବଟି ଆଦାୟ: ପୁଲିସ ଉପରେ ଆକ୍ରମଣ, ୩ ଗିରଫ

ପୁରୀ,୨୧।୫(ସମିସ): ହୁଲୁହୁଲିଆ ବ୍ରିଜ୍ ନିକଟରେ ପର୍ଯ୍ୟଟକଙ୍କୁ ଛୁରି ଦେଖାଇ ଦାଦାବଟି ଆଦାୟ କରୁଥିବା ୩ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଛି ତାଳବଣିଆ ଥାନା ପୁଲିସ। ସେମାନେ ହେଲେ ସିଦ୍ଧମହାବୀରର ସୌମ୍ୟରଞ୍ଜନ ଶ୍ରୀଚନ୍ଦନ ପଟ୍ଟନାୟକ, ପେଣ୍ଠକଟା ଥାନା ବ୍ରାହ୍ମଣ ପୋଖରୀର କାଜଲ ଦାସ ଏବଂ ରେଳବାଇ କଲୋନୀର ବାବୁଲି ନାୟକ। ଅଭିଯୁକ୍ତମାନଙ୍କ ଆକ୍ରମଣରେ ଜଣେ ଏସ୍‌ଆଇ ଆହତ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ବୁଧବାର ତାଳବଣିଆ ପୁଲିସ ସନ୍ଧ୍ୟା ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ନବକଳେବର ରୋଡ୍‌ରେ ପାଟ୍ରୋଲିଂ ବେଳେ ସୂଚନା ମିଳିଥିଲା ଯେ, ହୁଲୁହୁଲିଆ ବ୍ରିଜ୍ ନିକଟରେ ୩ ଜଣ ବ୍ୟକ୍ତି ଛୁରି ଦେଖାଇ ପର୍ଯ୍ୟଟକଙ୍କଠାରୁ ଦାଦାବଟି ଆଦାୟ କରୁଛନ୍ତି।

ରାତି ପ୍ରାୟ ୧୦ଟା ୪୫ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦେଖିବାକୁ ପାଇଥିଲା ଯେ, ୩ ଜଣ ରାସ୍ତାରେ ଠିଆ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହାତରେ ଛୁରି ଧରି ପର୍ଯ୍ୟଟକଙ୍କୁ ଧମକ ଦେଇ ଗାଳି କରି ଦାଦାବଟି ମାଗୁଥିଲା। ଏସ୍‌ଆଇ ଜି.ସି. ଘଡ଼େଇ ସେମାନଙ୍କୁ ଧରିବାକୁ ଚେଷ୍ଟା କରିବାରୁ ଜଣେ ଅଭିଯୁକ୍ତ ଛୁରି ବୁଲାଇ ଆକ୍ରମଣ କରିଥିଲା। କୌଣସି ପ୍ରକାରେ ଏସ୍‌ଆଇ ବର୍ତ୍ତିଯାଇଥିଲେ ମଧ୍ୟ ଖସିଯିବା ବେଳେ ଛୁରି ତାଙ୍କ ବାମ ହାତ କହୁଣୀ ନିକଟରେ ବାଜିଥିଲା। ସାମାନ୍ୟ ଆହତ ହୋଇଥିଲେ। ଏହାପରେ ୩ ଜଣଙ୍କୁ ପୁଲିସ କର୍ମଚାରୀମାନେ କାବୁ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୮/୨୬) ରୁଜୁ କରାଯାଇ ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ପୁଲିସ ଗୋଟିଏ ଛୁରି, ୭୩୦ ଟଙ୍କା ଏବଂ ଗୋଟିଏ ଲଙ୍କା ଗୁଣ୍ଡ ପ୍ୟାକେଟ୍ ଜବତ କରିଛି।

## ଆଜିଠୁ ପୁରୀରେ ଇଣ୍ଡିଆ ଟ୍ରେଡ୍ ଏକ୍ସପୋ

ପୁରୀ,୨୧।୫(ସମିସ): ସ୍ଥାନୀୟ ବଗଲା ଧର୍ମଶାଳା ପରିସରରେ ଆସନ୍ତା ୨୨ରୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ 'ଇଣ୍ଡିଆ ଟ୍ରେଡ୍ ଏକ୍ସପୋ-୨୦୨୬' ନାମରେ ବାଣିଜ୍ୟ ମେଳା ଅନୁଷ୍ଠିତ ହେବ। ଏହି ଅନ୍ତର୍ଜାତୀୟ ବାଣିଜ୍ୟ ପ୍ରଦର୍ଶନୀ ପ୍ରତ୍ୟହ ଅପରାହ୍ଣ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ ସ୍ୟାଡୋର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ବୁଧବାର ବୃନ୍ଦାବତୀ ନିବାସ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସ୍ୟାଡୋର ପରିଚାଳନା ନିର୍ଦ୍ଦେଶକ ତାପସ ରଞ୍ଜନ ମହାନ୍ତି କହିଛନ୍ତି, ଏହି ପ୍ରଦର୍ଶନୀରେ ଦେଶର ବିଭିନ୍ନ ରାଜ୍ୟ ସହ ଅନ୍ତର୍ଜାତୀୟ ଅଂଶଗ୍ରାହୀମାନେ ଯୋଗଦେବେ। ୮୦ରୁ ଅଧିକ ଷ୍ଟଲ୍‌ରେ ହସ୍ତଶିଳ୍ପ, ଲାଇଫ୍‌ଷ୍ଟାଇଲ୍ ପ୍ରଡକ୍ଟ, ଘରକରଣା ସାମଗ୍ରୀ, ଖାଦ୍ୟ ସାମଗ୍ରୀ, ଫେଶନ ପ୍ରଡକ୍ଟ ଆଦି ପ୍ରଦର୍ଶିତ ହେବ। ହାଇଦରାବାଦୀ ଫର୍ଣ୍ଣିଚର, ବାଂଲାଦେଶୀ ଶାଢ଼ି ସହ ଥାଇଲାଣ୍ଡ, ଆଫଗାନିସ୍ତାନରୁ ମଧ୍ୟ ଅଂଶଗ୍ରାହୀମାନେ ଯୋଗଦେବେ। ଏହାଦ୍ୱାରା ବାଣିଜ୍ୟ ପ୍ରଚାର, ବ୍ୟାବସାୟିକ ସମ୍ପର୍କ ବୃଦ୍ଧି, ସାଂସ୍କୃତିକ ଆଦାନ ପ୍ରଦାନ ଓ ବ୍ୟବସାୟ ବିକାଶ ପାଇଁ ଏହି ମେଳା ଏକ ସୁଯୋଗ ସୃଷ୍ଟି କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଚିନ୍ମୟ ମହାନ୍ତି, ସୁବ୍ରତ ମହାନ୍ତି ଓ ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ୫ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ପୁରୀ,୨୧।୫(ସମିସ): ଜିଲ୍ଲାରେ ଆଇନଶୃଙ୍ଖଳା ରକ୍ଷା, ଅସାମାଜିକ କାର୍ଯ୍ୟକଳାପ ନିୟନ୍ତ୍ରଣ ଏବଂ ଅଭ୍ୟାସଗତ ଅପରାଧୀଙ୍କୁ ସାବାଡ୍ କରିବା ପାଇଁ ପୁରୀ ପୁଲିସ ପକ୍ଷରୁ 'ଅପରେସନ୍ ଚକ୍ର' ନାମରେ ବିଶେଷ ଅଭିଯାନ ଜାରି ରହିଛି। ଏହି ଅଭିଯାନରେ ଗୁରୁବାର ୫ ଜଣ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା ୧୨୯ ଅନୁସାରେ ବାଉଣ୍ଡ ଡାଉନ୍ ଆଦେଶ ମଞ୍ଜୁର କରାଯାଇଛି। ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ଥାନାକୁ ଅଭ୍ୟାସଗତ ଅପରାଧୀ ଓ ଶାନ୍ତିଶୃଙ୍ଖଳା ପାଇଁ ବିପଦ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଅନୁଯାୟୀ, ଗୁରୁବାର ସୁକାନ୍ତି ପଣ୍ଡା, ଦୀପୁ ପଣ୍ଡା, ନିରଞ୍ଜନ ପରିଡ଼ା, ଅପନା ବେହେରା ଓ ଭୋଳ ବାରିକଙ୍କ ବିରୋଧରେ ବାଉଣ୍ଡ ଡାଉନ୍ ଆଦେଶ ଜାରି କରାଯାଇଛି। ଏହି ଅଭିଯୁକ୍ତମାନେ ପୂର୍ବରୁ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ମାର୍‌ପିଟ୍, ଧମକ, ଅସାମାଜିକ କାର୍ଯ୍ୟକଳାପ ଓ ଅନ୍ୟାନ୍ୟ ଅପରାଧମୂଳକ ଘଟଣାରେ ଜଡ଼ିତ ଥିଲେ। ଆଗାମୀ ଦିନରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ମାଜିଷ୍ଟ୍ରେଟ୍‌ଙ୍କ ଆଦେଶ ଅନୁଯାୟୀ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୫୦ ହଜାର ଟଙ୍କାର ସୁରକ୍ଷା ଜମା ଦେବାକୁ ନିର୍ଦ୍ଦେଶ ହୋଇଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହି ଆଦେଶ ପାଳନ ନ କଲେ ତାଙ୍କ ବିରୋଧରେ ଅଧିକ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ

# ପୁଲିସର ସ୍ୱତନ୍ତ୍ର ନାକା ବ୍ଲକିଂ ଓ ଚେକିଂ

ପୁରୀ,୨୧।୫(ସମିସ): କିଛିଦିନ ହେବ ପୁରୀ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ତେଣୁ ଏଥିରେ ସୁଧାର ଆଣି ଜନସାଧାରଣଙ୍କ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପୁରୀ ପୁଲିସ ପକ୍ଷରୁ ମଙ୍ଗଳବାର ରାତିତମାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ନାକା ବ୍ଲକିଂ ଏବଂ ଗାଡ଼ି ଯାଞ୍ଚ କରାଯାଇଥିଲା। ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ଥାନାଧିକାରୀ ଏହି ବିଶେଷ ଅଭିଯାନରେ ସକ୍ରିୟ ଭାବେ ଯୋଗଦେଇଥିଲେ। ଜିଲ୍ଲାର ପ୍ରବେଶ ଓ ପ୍ରସ୍ଥାନ ପଥ, ଗୁରୁତ୍ୱପୂର୍ଣ୍ଣ ଛକ, ସହର ଅଞ୍ଚଳ, ପର୍ଯ୍ୟଟନସ୍ଥଳୀ ଏବଂ ସନ୍ଦେହଜନକ ଚଳାଚଳ ଥିବା ସ୍ଥାନଗୁଡ଼ିକରେ ରାତି ସାରା ଗାଡ଼ି ଯାଞ୍ଚ କରାଯାଇଥିଲା। ସିଟି ସବ୍ ଡିଭିଜନରେ ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ନାକା ବ୍ଲକିଂ ଓ ଚେକିଂ କରାଯାଇଥିଲା। ସେହିପରି ନିମାପଡ଼ା ସବ୍‌ଡିଭିଜନରେ ଏସ୍‌ଡିପିଓ ନିମାପଡ଼ା ଜନାର୍ଦ୍ଦନ ପାଢ଼ୀଙ୍କ ନେତୃତ୍ୱରେ ଏହି ଅଭିଯାନ ଚାଲିଥିବାବେଳେ ପିପିଲି ସବ୍‌ଡିଭିଜନରେ ଏସ୍‌ଡିପିଓ ପିପିଲି ଦେବାଶିଷ ମିଶ୍ର ଏବଂ ସଦର ସବ୍‌ଡିଭିଜନରେ ଏସ୍‌ଡିପିଓ ସଦର ମାନସ ରଞ୍ଜନ ବାରିକଙ୍କ ନେତୃତ୍ୱରେ ଚେକିଂକୁ କଡ଼ାକଡ଼ି କରାଯାଇଥିଲା। ଏହି ଅଭିଯାନ ସମୟରେ ସନ୍ଦେହଜନକ ଗାଡ଼ି, ବେଆଇନ ଅସ୍ତ୍ର, ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକ, ଅବୈଧ ସାମଗ୍ରୀ ପରିବହନ ଏବଂ ଅପରାଧିକ କାର୍ଯ୍ୟକଳାପ ଉପରେ ବିଶେଷ ନଜର ରଖାଯାଇଥିଲା। ବିଭିନ୍ନ ଯାନବାହନର କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ ଓ ପରିଚୟପତ୍ର ମଧ୍ୟ ଯାଞ୍ଚ କରାଯାଇଥିଲା।



ପୁଲିସ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ଦିନରେ ମଧ୍ୟ ଏଭଳି ଅଚାନକ ନାକା ବ୍ଲକିଂ ଓ ଚେକିଂ ଅଭିଯାନ ଜାରି ରହିବ। ଜନସାଧାରଣଙ୍କ ସୁରକ୍ଷା, ଅପରାଧ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ସଦା ସଚେତନ ଓ ପ୍ରତିବଦ୍ଧ। ରାତି ସମୟରେ ଯାତାୟାତ କରିବାବେଳେ ଆବଶ୍ୟକ କାଗଜପତ୍ର ସହିତ ଯାତ୍ରା କରନ୍ତୁ ଏବଂ ଚେକିଂ ସମୟରେ ପୁଲିସକୁ ସହଯୋଗ କରିବାକୁ ଅନୁରୋଧ କରିଛି ପୁଲିସ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in

**ଆପ୍ରେଣ୍ଟିସେଶିପ୍ ଆକ୍ଟ 1961 ଅନୁଯାୟୀ ଏସ୍‌ବିଆଇରେ ଆପ୍ରେଣ୍ଟିସେସ୍ ନିଯୁକ୍ତି (ବିଜ୍ଞାପନ ନଂ. CRPD/APPR/2026-27/07)**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଆପ୍ରେଣ୍ଟିସେସ୍ ନିଯୁକ୍ତି ପାଇଁ ଭାରତୀୟ ନାଗରିକଙ୍କ ଠାରୁ ଆବେଦନ ଗ୍ରହଣ କରାଯାଉଛି।

**ଆପ୍ରେଣ୍ଟିସେସ୍ ସଂଖ୍ୟା: 7150**
**ପ୍ରଶିକ୍ଷଣ ଅବଧି: ଗୋଟିଏ ବର୍ଷ**

*(ଯନ: ଏହା ଶିକ୍ଷାନବିସ ଆଇନ 1961 ଅନୁଯାୟୀ ଏକ ତାଲିମ ସୁଯୋଗ ଏବଂ ନିଯୁକ୍ତିର ପ୍ରସ୍ତାବ ନୁହେଁଛ)*

ଯୋଗ୍ୟତା ମାନଦଣ୍ଡ (ବୟସ, ଶିକ୍ଷାଗତ ଯୋଗ୍ୟତା, ଦେୟ ଇତ୍ୟାଦି) ଏବଂ ଅନ୍ୟାନ୍ୟ ବିବରଣୀ ବିଜ୍ଞାପନ ନଂ. CRPD/APPR/2026-27/07 ଅଧୀନରେ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings କିମ୍ବା https://apprenticeshipindia.org କିମ୍ବା https://nsdcindia.org/apprenticeship କିମ୍ବା http://bfsissc.com ରେ ଅନଲାଇନ୍ ଆବେଦନ ଦାଖଲ ପାଇଁ ଏକ ଲିଙ୍କ୍ ସହିତ ଉପଲବ୍ଧ ଅଟେ।

ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 19.05.2026 ରୁ 08.06.2026**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ URL-https://sbi.bank.in/careers/post-your-query

**ସ୍ଥାନ:** ମୁମ୍ବାଇ
**ତାରିଖ:** 19.05.2026
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

## ମିଥ୍ୟା ମାମଲା କରି ଗଣମାଧ୍ୟମର କଣ୍ଠରୋଧ ଉଦ୍ୟମ

# ନ୍ୟାୟ ପାଇଁ ଏସ୍‌ପିଙ୍କୁ ଦାବି ଜଣାଇଲେ ସାମ୍ବାଦିକ











ନୟାଗଡ଼,୨୧।୫(ସମିସ)

ସାମ୍ବାଦିକଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି ଗଣମାଧ୍ୟମ କଂଣ୍ଠରୋଧ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି । ଆଜି ଏହାକୁ ନେଇ ସଦରମହକୁମାର ବହୁ ସାମ୍ବାଦିକ ନୟାଗଡ଼ ଏସ୍ପି ଏସ୍ ସୁଶ୍ରୀଙ୍କୁ ଭେଟି ନ୍ୟାୟ ପାଇଁ ଦାବି ରଖିଛନ୍ତି । ଏହା ସହିତ ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀଙ୍କ ଜରିଆରେ ଏସ୍ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ନୟାଗଡ଼ ଜିଲ୍ଲାରେ ବିଗତ କିଛି ଦିନ ହେବ ସାମ୍ବାଦିକମାନେ କିଛି ଅସାମାଜିକ ବ୍ୟକ୍ତିଙ୍କ ପାଇଁ ଭୟ ଓ ଆଶଙ୍କା ମଧ୍ୟରେ କାଳାତିପାତ କରୁଛୁ । ଦୁଇ ଜଣ ସାଇବର ମାଫିଆ ଜିଲ୍ଲାର ବହୁ ସାମ୍ବାଦିକଙ୍କ ସମେତ ଦୈନିକ 'ସକାଳ' ସାମ୍ବାଦିକ ଅନୀଲ କୁମାର ପଣ୍ଡାଙ୍କୁ ଟାର୍ଗେଟ କରି ତାଙ୍କର ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଚରିତ୍ରସଂହାର କରି ଫେସବୁକରେ ପୋଷ୍ଟ କରିଥିଲେ । ଏହାକୁ ନେଇ ଗତ ୩୦ ତାରିଖରେ ଅନୀଲ ନୟାଗଡ଼ ଟାଉନଥାନାରେ ଏତଲା ଦେଇଥିଲେ । ଟାଉନଥାନା ପୁଲିସ ଦୁଇ ସାଇବର ମାଫିଆଙ୍କୁ ଗିରଫ କରିଥିଲା । ଏହାପରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଟାଉନଥାନା ଆଗରେ ଧାରଣା ଦେବା ସହ ସାମ୍ବାଦିକ ଅନୀଲଙ୍କ ନାମରେ ଏକ ମିଥ୍ୟା ମୋକଦ୍ଦମା ଦାୟର କରିଛନ୍ତି । ଜଣେ ମହିଳାଙ୍କୁ ପ୍ରାୟୋଜିତ ଭାବେ ବ୍ୟବହାର କରି ଅନୀଲଙ୍କ ନାମରେ ମିଥ୍ୟା ଅସଦାଚରଣ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଟାଉନଥାନାରେ ନଂ.୧୫୪/୨୬ରେ ମାମଲା ରୁଜୁ ହୋଇଛି । ଗଣମାଧ୍ୟମର କଣ୍ଠରୋଧ କରିବା ଉଦ୍ଦେଶ୍ୟରେ ଏଭଳି ପ୍ରାୟୋଜିତ ମିଥ୍ୟା ଏତଲାକୁ ନୟାଗଡ ସାମ୍ବାଦିକ ସଂଘ ନିନ୍ଦା କରିବା ସହ ମାମଲାର ସଠିକ୍ ଭାବେ ସତ୍ୟାସତ୍ୟ ଅନୁସନ୍ଧାନ କରିବାକୁ ଦାବି ରଖିଛି । କୌଣସି ଚାପର ବଶବର୍ତ୍ତୀ ନହୋଇ ପୁଲିସ ଉଚିତ୍ ପଦକ୍ଷେପ ଗ୍ରହଣ କରିବ ବୋଲି ସାମ୍ବାଦିକମାନେ ଆଶା କରିଛନ୍ତି । ନୟାଗଡ଼ ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ବହୁ ସାମ୍ବାଦିକ ନୟାଗଡ଼ ଏସ୍ପିଙ୍କୁ ଭେଟି ଦାବି ଉପସ୍ଥାପନ କରିବା ସହ ସଠିକ ତଦନ୍ତ ଓ ନ୍ୟାୟ ଦାବି କରିଛନ୍ତି । ଏହା ସହିତ ଜିଲ୍ଲାର ଅନେକ ଥାନାରେ ବ୍ଲକ ସ୍ତରରେ କାର୍ଯ୍ୟରତ ସାମ୍ବାଦିକମାନେ ସ୍ଥାନୀୟ ଥାନା ଜରିଆରେ ଏସ୍ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ସମାନ ଭାବେ ଓଡ଼ଗାଁରେ ଅଶୋକ ମହାପାତ୍ର ଓ ସାରସ କୁମାର ମିଶ୍ର, ଦଶପଲ୍ଲା ପ୍ରେସ କ୍ଲବ ସଭାପତି ସୁରେଶ ଚନ୍ଦ୍ର ବେହେରା ଓ ପ୍ରଶାନ୍ତ କୁମାର ସାହୁ, ଗଣିଆରେ ଦେବୀ ପ୍ରସାଦ ଦାଶ, ଖଣ୍ଡପଡ଼ାରେ ଚିତ୍ତରଞ୍ଜନ ମିଶ୍ର, ଭାପୁରରେ ଶୁଭେନ୍ଦ୍ର ପଟ୍ଟନାୟକ, ରଣପୁରରେ ପ୍ରସନ୍ନ ସାମନ୍ତରାୟ, ନୂଆଗାଁରେ ହୃଦୟାନନ୍ଦ ସାସମଲ, ଶରଣକୁଳରେ ଜୟକୃଷ୍ଣ ସାହୁ ଓ ରିପନ କୁମାର ପଣ୍ଡାଙ୍କ ନେତୃତ୍ୱରେ ଥାନା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି ।

## ବାପୁନଙ୍କୁ ଭାରତ ରତ୍ନ ରାଜୀବଗାନ୍ଧୀ ପୁରସ୍କାର



ଗଣିଆ,୨୧।୫(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ଅବସରରେ ଜୟଦେବ ଭବନ ଠାରେ ଆୟୋଜିତ ସମାରୋହରେ ଗଣିଆ ବ୍ଲକ ଆଡକଟା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟର ଛାତ୍ର ବାପୁନ୍ ବେହେରାଙ୍କୁ ରାଜ୍ୟ ସ୍ତରୀୟ ଭାରତ ରତ୍ନ ରାଜୀବ ଗାନ୍ଧୀ ପୁରସ୍କାର ପ୍ରଦାନ କରାଯାଇଛି । ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ତରଫରୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୨ ଜଣ ଯୋଗ୍ୟ ବିବେଚିତ ସ୍ୱେଚ୍ଛାସେବୀଙ୍କ ମଧ୍ୟରୁ ନୟାଗଡ ଜିଲ୍ଲାର ୩ ଜଣ ତଥା ଗଣିଆ ବ୍ଲକର ଜଣେ ଥିବା ସୂଚନା ମିଳିଛି । ବାପୁନ୍ ଜଣେ ସ୍ୱେଚ୍ଛାସେବୀ ଭାବେ ବେଶ୍ ଜଣାଶୁଣା ଚେହେରା । ଆଗକୁ ଜଣେ ସମାଜସେବୀ ହିସାବରେ ସେବା ଜାରି ରଖିବେ ବୋଲି ସେ ପ୍ରକାଶ କରିଛନ୍ତି । ତାଙ୍କର ଏହି ସଫଳତାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡାଙ୍କ ସହିତ ଏନଏସଏସର ପ୍ରୋଗ୍ରାମ ଅଧିକାରୀ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ପୂର୍ବତନ ସରପଞ୍ଚଙ୍କ ଅକାଳ ବିୟୋଗ

ଭାପୁର,୨୧।୫(ସମିସ): ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତର ଦୁଇ ଦୁଇ ଥରର ସରପଞ୍ଚ ହରେକୃଷ୍ଣ ସାହୁଙ୍କ ଗୁରୁବାର ଅପରାହ୍ନରେ ତାଙ୍କ ବାସଭବନରେ ପରଲୋକ ଘଟିଛି । ତାଙ୍କର ତିନୋଟି ପୁଅ ଓ ଗୋଟିଏ ଝିଅ ଅଛନ୍ତି । ପୂର୍ବରୁ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଯାଇଥିଲା । ସେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ପରେ ଚାକିରି ନକରି ବାପାଙ୍କ କୌଳିକ ବ୍ୟବସାୟ କରିବା ସହ ବହୁବର୍ଷ ଧରି ପଦ୍ମାବତୀ ଗ୍ରାମ୍ୟ କମିଟିର ସଭାପତି, ତୈଳିକ ବୈଶ୍ୟ ସମାଜର ରାଜ୍ୟ ସଭାପତି, ଗୋପୀନାଥ ଦେବ ହାଇସ୍କୁଲ ସମ୍ପାଦକ ଭାବେ କାର୍ଯ୍ୟ କରି ବେଶ ସୁନାମ ଅର୍ଜନ କରିଥିଲେ । ମୃତ୍ୟୁ ଖବର ଶୁଣି ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି । ବଡପୁଅ ବିଜୟ କୁମାର ସାହୁ ମୁଖାଗ୍ନି ଦେଇଥିଲେ ।

## ■ ଶ୍ରମିକ ବଦଳରେ ମେସିନ କରୁଛି କାମ

## 'ମନରେଗା' ଅର୍ଥ ହରିଲୁଟ୍ ଉଦ୍ୟମ



ନୟାଗଡ଼,୨୧।୫(ସମିସ): ନୟାଗଡ଼ ବ୍ଲକ ଗମ୍ଭାରିଡିହି ପଞ୍ଚାୟତ ଦେଉଳି ତୋଟାସାହି ନୂଆ ପୋଖରୀ ପୁନଃରୁଦ୍ଧାର କାର୍ଯ୍ୟରେ ସାଂଘାତିକ ଅନିୟମିତତା ଅଭିଯୋଗ ହୋଇଛି । ମନରେଗା ଯୋଜନାରେ ୯ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଶ୍ରମିକ ବଦଳରେ ମେସିନ ସାହାର୍ଯ୍ୟରେ କାର୍ଯ୍ୟ କରାଯାଉଥିବା ଅଭିଯୋଗ ଆସିଛି । ଶ୍ରମିକ ବଦଳରେ ପ୍ରୋକ୍ଲିନ ଓ ଟ୍ରାକ୍ଟର ଲଗାଇ କାମ କରାଯାଉଥିବା ବେଳେ ସ୍ୱର ଉତ୍ତୋଳନ କଲେ ଜୀବନ ପ୍ରତି ବିପଦ ଥିବା କିଛି ଗ୍ରାମବାସୀ ସୂଚନା ଦେଇଛନ୍ତି । ସରକାରୀ ଅର୍ଥକୁ ହରିଲୁଟରେ ଶାସକ ଦଳର ବ୍ଲକସ୍ତରର ନେତା ସାମିଲ ଥିବା ଅଭିଯୋଗ ହୋଇଛି । ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ଜ୍ଞାତ ନାଁ ଅଜ୍ଞାତରେ କାର୍ଯ୍ୟ କରାଯାଉଛି ବୋଲି ପ୍ରଶ୍ନ ଉଠିଛି । ଜିଲ୍ଲାପାଳ ଏହାର ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ନୟାଗଡ଼ ଜିଲ୍ଲା ଓଷ୍ଟା ନୂତନ କର୍ମକର୍ତ୍ତା ନିର୍ବାଚିତ



ନୟାଗଡ଼,୨୧।୫(ସମିସ): ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ଓଷ୍ଟାର ପଞ୍ଚମ ସାମ୍ବିଧାନିକ ସମ୍ମିଳନୀ ଓ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ମାଧ୍ୟମିକ ଶିକ୍ଷକ ସଂଗଠନ ସମସ୍ତ ପଞ୍ଜିକୃତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯଥା ୨୧୮ ଜଣ ଉପସ୍ଥିତ ରହି ଏହି ନିର୍ବାଚନ ପ୍ରକ୍ରିୟାରେ ଅଂଗ୍ରହଣ କରିଥିଲେ । ଦୁଇଟି ପ୍ୟାନେଲ ମଧ୍ୟରେ ନିର୍ବାଚନ ଲଢ଼େଇ ହୋଇଥିଲା ଫଳରେ ଗୋଟିଏ ପ୍ୟାନେଲର ୧୩ ଜଣ ପ୍ରାର୍ଥୀ ବିପୁଳ ସମର୍ଥନରେ ବିଜୟୀ ଲାଭ କରିଥିଲା । ନୟାଗଡ଼ ଜିଲ୍ଲା ଓଷ୍ଟାର ନୂତନ ଭାବରେ ନିର୍ବାଚିତ ହୋଇଥିବା କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ନିତ୍ୟାନନ୍ଦ ଦାସ, କାର୍ଯ୍ୟକାରୀ ସଭାପତି ପ୍ରଭାକର ମିଶ୍ର, ଉପସଭାପତି ଶିବ ରାଉତ, ଉପ ସଭାପତି ନିରାକାର ସ୍ୱାଇଁ, ଉପ ସଭାପତି ହରପ୍ରିୟା ଗୁମାନସିଂହ, ସମ୍ପାଦକ ଦିବାକର ପାଇକରାୟ ,ଏବଂ ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ପରିଡ଼ା, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ସବିତା କୁମାରୀ ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ଏହା ସହିତ କମିଟିର କାର୍ଯ୍ୟଧାରାକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା ପାଇଁ, କାର୍ଯ୍ୟକାରୀ ସଦସ୍ୟ ଭାବରେ ଶେଖ ରଫିକ ଉଦ୍ଦିନ, ବିରଞ୍ଚିନାରାୟଣ ବେହେରା, ବିଭୂତି ଭୂଷଣ ରଣସିଂହ ଏବଂ ଭଗବାନ ଚୌଧୁରୀ ନିର୍ବାଚିତ ହୋଇଛନ୍ତି । ରାଜ୍ୟ ଓଷ୍ଟା ସଂଘର ସଭାପତି ଓ ସମ୍ପାଦକ ରଞ୍ଜନ କୁମାର ଦାସ ଅନ୍ୟାନ୍ୟ ପଦାଧିକାରୀ ବୃନ୍ଦ ଉପସ୍ଥିତ ରହି ନିର୍ବାଚିତ ପ୍ରତିନିଧିଙ୍କୁ ଶପଥ ପାଠ କରାଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କୁ ଓଷ୍ଟାର ନବ ନିର୍ବାଚିତ କର୍ମକର୍ତ୍ତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତକରି ଜିଲ୍ଲାର ବିଭିନ୍ନ ଶିକ୍ଷା ସମସ୍ୟା ଉପରେ ଆଲୋକପାତ କରିଥିଲେ । ଜିଲ୍ଲାରେ ଶିକ୍ଷାର ସାମଗ୍ରିକ ବିକାଶ ପାଇଁ ମିଳିତ ପ୍ରୟାସ ଅବଶ୍ୟକ ବୋଲି ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶରତ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ମତବ୍ୟକ୍ତ କରିଥିଲେ ।

## ଆମ୍ବଡାଳ ପଡ଼ି ଚାଷୀ ମୃତ

ଭାପୁର,୨୧।୫(ସମିସ): ଜଣେ ଚାଷୀ ବିଲରେ କାମ କରୁଥିବବଳେ କାଳବୈଶାଖି ଆସିବାରୁ ଗଛ ମୂଳେ ଆଶ୍ରୟ ନେଇଥିଲେ । ସେହି ଗଛ ଡାଳପଡି ସେ ଆହତ ହୋଇଥିଲେ । ଗତକାଲି ତାଙ୍କର ମୃତ୍ୟୁ ହୋଇଯାଇଛି । ଭାପୁର ବ୍ଲକ କରବର ଘାଇ ସାହିର ଛବୀନ୍ଦ୍ର ପାଟଶାଣୀ ସୋମବାର ବିଲରେ କରିଥିବା ପରିବା ଫସଲରେ ପାଣି ମଡାଉଥିଲେ । ଏହି ସମୟରେ କାଳବୈଶାଖି ଆସିବାରୁ ନିକଟସ୍ଥ ଆମ୍ବ ଗଛ ମୂଳେ ଆଶ୍ରୟ ନେଇଥିଲେ । ଆମ୍ବଡାଳ ଭାଙ୍ଗି ତାଙ୍କ ଉପରେ ପଡିବାରୁ ସେ ଗୁରୁତର ଆହତ ହୋଇ ପ୍ରଥମେ ଭାପୁର ଓ ପରେ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ । ବୁଧବାର ଦିନ ତାଙ୍କର ସେଠାରେ ମୃତ୍ୟୁ ହୋଇଯାଇଛି । ତାଙ୍କର ବିଧବା ପତ୍ନୀ, ଗୋଟିଏ ନାବାଳକ ପୁଅ ଓ ଗୋଟିଏ ନାବାଳିକା ଝିଅ ଅଛନ୍ତି । ଏହି ଗରିବ ପରିବାରକୁ ସରକାରୀ ସହାୟତା ପାଇଁ ଦାବୀ ହେଉଛି ।

## ଥାନାରେ ପୁଲିସ କର୍ମଚାରୀଙ୍କୁ ମାଡ଼ ଉଦ୍ୟମ ଘଟଣା

# ଜିଲ୍ଲା କଂଗ୍ରେସ ପକ୍ଷରୁ 'ନୟାଗଡ଼ ବନ୍ଦ' ଡକରା



ନୟାଗଡ଼,୨୧।୫(ସମିସ): ନୟାଗଡ଼ ବିଜେପି ବିଧାୟିକା ପ୍ରାର୍ଥୀଙ୍କ ଉପସ୍ଥିତିରେ ନୟାଗଡ଼ ଟାଉନ ଥାନାରେ କାର୍ଯ୍ୟରତ ଦଳିତ ପୁଲିସ ଅଧିକାରୀଙ୍କୁ ଜାତିଆଣ ଆକ୍ଷେପ କରି ମାଡ଼ ମାରିବାକୁ ଉଦ୍ୟମ ଘଟଣାକୁ ନେଇ ଆଜି ଜିଲ୍ଲା କଂଗ୍ରେସ ସାମ୍ବାଦିକ ସମ୍ମିଳନୀ କରିଛି । ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ନତୁବା ଆସନ୍ତା ୨୭ ତାରିଖ ନୟାଗଡ଼ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ପୁଲିସକୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ଅଭିଯୋଗରେ ପ୍ରମୁଖ ବିଜେପି ନେତାଙ୍କ ସମ୍ପୃକ୍ତି ଥିବା ଥାନା ସିସିଟିଭି ଯାଞ୍ଚ କରାଯାଇ ଉଚିତ ଆଇନଗତ କାର୍ଯ୍ୟାନୁଷ୍ଠାନ ସ୍ୱରୁପ ଅଭିଯୁକ୍ତଙ୍କୁ ୭ ଦିନ ମଧ୍ୟରେ ଗିରଫ କରିବା ପାଇଁ ଦାବି ରଖିଛନ୍ତି । ନତୁବା ଆଗାମୀ ୨୭ ତାରିଖ ବୁଧବାର ଜିଲ୍ଲା କଂଗ୍ରେସ ନୟାଗଡ଼ ବନ୍ଦ କରିବ ବୋଲି ଘୋଷଣା କରିଛି । ନ୍ୟାୟ ପାଇଁ ଆନ୍ଦୋଳନ କରିବା ଆମ ସମସ୍ତଙ୍କର ସାମ୍ବିଧାନିକ ଅଧିକାର କିନ୍ତୁ ଆନ୍ଦୋଳନ ଆଳରେ କର୍ତ୍ତବ୍ୟରତ ପୁଲିସଙ୍କୁ ବିଭିନ୍ନ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା, ବର୍ଦ୍ଦିରେ ଥିବା ଦଳିତ ପୁଲିସ ଅଧିକାରୀଙ୍କୁ ମାଡ ମାରିବା, ଥାନା ଅଧିକାରୀ ଓ ଏସଡିପିଓଙ୍କୁ ଅପମାନିତ କଲାଭଳି ଖରାପ ଭାଷା ପ୍ରୟୋଗ କରିବା ଭଳି ହୀନ ରାଜନୀତି କରୁଥିବା ନୟାଗଡ଼ ବିଜେପିକୁ କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି । ଘଟଣା ଘଟିବାର ତିନି ଦିନ ବିତିଯାଇଥିଲେ ମଧ୍ୟ ପୁଲିସର ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଜିଲ୍ଲା କଂଗ୍ରେସ ସଭାପତି । ଆଜିର ସାମ୍ବାଦିକ ସମ୍ମିଳନୀରେ ଡିସିସି ଉପସଭାପତି ଲକ୍ଷ୍ମୀଧର ତ୍ରିପାଠୀ, ଓଡଗାଁ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର ଏବଂ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ ଉପସ୍ଥିତ ରହିଥିଲେ । ଡିସିସି ଉପସଭାପତି ଶ୍ରୀ ତ୍ରିପାଠୀ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ସୁନାଲଟି କୁସୁମୀ ବ୍ୟାରେଜକୁ ଉଦଘାଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଆସନ୍ତା ଜୁନ ୧୨ ତାରିଖ ପ୍ରସ୍ତାବିତ ଗସ୍ତ ପାଇଁ ଶୁଖିଲା ପଡ଼ିଥିବା ସୁନାଲଟି ବ୍ୟାରେଜକୁ ସୁଦୂର ବୁଢ଼ାବୁଢ଼ିଆଣୀ ଜଳଭଣ୍ଡାରରୁ ପାଣି ଆଣି ପୂରଣ କରିବା ପାଇଁ ଜଳସମ୍ପଦ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ନୟାଗଡ଼ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ପରିପ୍ରେକ୍ଷୀରେ ବୁଢାବୁଢିଆଣୀ ଡ୍ୟାମ ଆୟାକଟ ଅଞ୍ଚଳ ପ୍ରାୟ ୪୦ ଖଣ୍ଡ ଗ୍ରାମବାସୀ ଏହାକୁ ଦୃଢ଼ ବିରୋଧ କରିଛନ୍ତି ବୋଲି କହିଛନ୍ତି । ବୁଢ଼ାବୁଢ଼ିଆଣୀ ଜଳଭଣ୍ଡାରରୁ ମୁନ୍ଦାଏ ଜଳ ଛଡ଼ାଯିବ ନାହିଁ ବୋଲି ସ୍ଥାନୀୟ ଗ୍ରାମବାସୀଙ୍କ ଦାବିକୁ ନୟାଗଡ଼ କଂଗ୍ରେସ ସମର୍ଥନ କରିଛି ବୋଲି କହିଛନ୍ତି । ସୁନାଲଟି ବ୍ୟାରେଜ ନାମରେ ନୟାଗଡ଼ ଚାଷୀଙ୍କୁ ବିଭ୍ରାନ୍ତ କରାଯାଉଛି । ଏଥିପାଇଁ ଖୁବଶୀଘ୍ର କଂଗ୍ରେସ ପକ୍ଷରୁ କାର୍ଯ୍ୟପନ୍ଥା ସ୍ଥିର କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ।

# ସମସ୍ୟାରେ ଜର୍ଜରିତ ବଡ଼ଶିଲିଙ୍ଗା ପଞ୍ଚାୟତ



ସମାଧାନ ପାଇଁ ପହଞ୍ଚିଲେ ଦୁଇଟି ଟିମ୍

ନୟାଗଡ଼,୨୧।୫(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକର ସବୁଠାରୁ ଅନୁନ୍ନତ ଅଞ୍ଚଳ ଭାବେ ପରିଚିତ ବଡସିଲିଙ୍ଗା ପଞ୍ଚାୟତ । ଏଠାରେ ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ଶିକ୍ଷା, ଗମନାଗମନ, ପାନୀୟ ଜଳ ପର୍ଯ୍ୟନ୍ତ ଅନେକ ମୌଳିକ ସମସ୍ୟା ଲାଗି ରହିଛି । ପଞ୍ଚାୟତବାସୀ ଅନେକ ଥର ବ୍ଲକଠାରୁ ଆରମ୍ଭ କରି ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନାହିଁ । ଉକ୍ତ ପଞ୍ଚାୟତରେ ଥିବା ସମସ୍ୟାର ସମାଧାନ ପାଇଁ ଗୁରୁବାର ବ୍ଲକର ୨ଟି ଟିମ ପହଞ୍ଚି ଜନସାଧାରଣ ତଥା ଲୋକପ୍ରତିନିଧିଙ୍କ ସହିତ ଆଲୋଚନା କରିଛନ୍ତି । ପଞ୍ଚାୟତରେ ଥିବା ଅନେକ ସମସ୍ୟା ସମ୍ପର୍କରେ ଜନସାଧାରଣ ଅଭିଯୋଗ ଜଣାଇଥିଲେ । ଜନସାଧାରଣଙ୍କ ସମସ୍ୟା କିଭଳି ତୁରନ୍ତ ସମାଧାନ ହୋଇପାରିବ ବ୍ଲକ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି । ବିଶେଷ କରି ଯୋଗାଣ ସାମଗ୍ରୀ କିଭଳି ସୁରୁଖୁରୁରେ ପାଇବେ ତଥା ବିଧବା, ବାର୍ଦ୍ଧକ୍ୟ ଭତ୍ତା ଠିକ୍ ସମୟରେ ମିଳିବ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀ ଗାଁ ଗାଁ ବୁଲି ଆଲୋଚନା କରିଥିଲେ । ଏହି ୨ଟି ଟିମରେ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ, ଯୋଗାଣ ଅଧିକାରୀ, ବଡସିଲିଙ୍ଗା, ଛାମୁଣ୍ଡିଆ, ବେଲପଡାପାଟଣା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ● ନୟାଗଡ଼ ଜଗନ୍ନାଥ ମନ୍ଦିର

## ସମସ୍ୟା ସମାଧାନ କଲେ ଜିଲ୍ଲାପାଳ

ନୟାଗଡ଼,୨୧।୫(ସମିସ): ନୟାଗଡ଼ ସହରରେ ଅଧିଷ୍ଠିତ ଶ୍ରୀ ଜଗନ୍ନାଥ ମନ୍ଦିର ସମସ୍ୟାକୁ ନେଇ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଦେବୋତ୍ତର ବିଭାଗ ପରିଚାଳକ ତାପସ ରଞ୍ଜନ ପଟ୍ଟନାୟକ, ମନ୍ଦିର ପରିଚାଳକ ସୁଧାଂଶୁ ପରିଡ଼ାଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଛି । ଏହି ବୈଠକରେ ପହଣ୍ଡି ସେବାୟତ, ସ୍ଥାନୀୟ ପୁରୁଣାସହର ବାସିନ୍ଦା, ବ୍ରାହ୍ମଣ ଓ ପୂଜକମାନେ ଉପସ୍ଥିତ ରହିଥିଲେ । ବଡ଼ପଣ୍ଡାଙ୍କୁ ନେଇ ଲାଗି ରହିଥିବା ବିବାଦକୁ ସମାଧାନ କରାଯାଇଛି । ଦୁଇ ବଡ଼ପଣ୍ଡାଙ୍କୁ ନିୟମିତ ନିଯୁକ୍ତି ଦେବାକୁ ପ୍ରସ୍ତାବ ଦିଆଯାଇଛି । ପହଣ୍ଡି ସେବାୟତଙ୍କଠାରୁ ପ୍ରତ୍ୟାହୃତ ହୋଇଥିବା ଅବଢ଼ା ପ୍ରସ୍ତୁତି ଦାୟିତ୍ୱ ଉପରେ ଆଲୋଚନା କରାଯାଇଥିଲା । ଆସନ୍ତା ୯ ତାରିଖ ସୁଦ୍ଧା ନୂତନ ଟେଣ୍ଡର ପ୍ରକ୍ରିୟା ଶେଷ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ମନ୍ଦିର ପରିଷ୍କାର ଓ ପରିଚ୍ଛନତାକୁ ଗୁରୁତ୍ୱ ଦେବା, ନୀତିକାନ୍ତିକୁ ସଠିକ ଭାବେ ପରିଚାଳନା କରିବା ଏବଂ ସ୍ଥାନୀୟ ଲୋକଙ୍କ ଭାବାବେଗକୁ ନେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

## ଆର୍‌ସି ସାମନ୍ତରାୟ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା



ଗଣିଆ,୨୧।୫(ସମିସ): ଗଣିଆରେ ଥିବା ଆରସି ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ ଉକ୍ତ ମହାବିଦ୍ୟାଳୟ ସମସ୍ତଙ୍କୁ ପଛରେ ପକାଇ ଗଣିଆ ବ୍ଲକରେ ଉଭୟ କଳା ଏବଂ ବିଜ୍ଞାନରେ ଟପ୍ପର ହୋଇଥିବା ଜଣାପଡିଛି । କଳାରେ ସୁଜାତା ବେହେରା ୫୪୪ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ବିଜ୍ଞାନରେ ବିଷ୍ଣୁପ୍ରିୟା ବେହେରା ୫୬୫ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି । ବିଜ୍ଞାନରେ ୧୩ ଜଣ ଛାତ୍ରଛାତ୍ରୀ ୫ ଶହରୁ ଅଧିକ ମାର୍କ ରଖିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ସମ୍ପାଦକ ଏଲଡାଡ କାଇଣ୍ଡସେଥ, ଉପାଧ୍ୟକ୍ଷ ଉମାକାନ୍ତ ବେହେରା, ପରିଚାଳନା କମିଟିର ସଦସ୍ୟ କବିଚନ୍ଦ୍ର ସାମନ୍ତରାୟ,ଓଡିଆ ଅଧ୍ୟାପକ ଜିତେନ କୁମାର ପାଣିଗ୍ରାହୀଙ୍କ ସମେତ ଅଭିଭାବକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ସମ୍ପାଦକ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ମିଠା ଖୁଆଇ ଥିଲେ । ସମୟ ଥିଲା କେବଳ ବିଜ୍ଞାନ କଲେଜ ଭାବରେ ଖ୍ୟାତି ଲାଭ କରିଥିବା ଆରସି ସାମନ୍ତରାୟ ମହାବିଦ୍ୟାଳୟ ଏବେ କଳା ବିଭାଗରେ ଉନ୍ନତ ପ୍ରଦର୍ଶନ ଜାରି ରଖିଥିବାରୁ ଅଭିଭାବକ ମାନେ ଶୁଭେଚ୍ଛା ଜଣାଇଛନ୍ତି । ଆର୍ଥିକ ଅନଗ୍ରସର ଥିବା କୃତି ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟ ତରଫରୁ ମାଗଣାରେ ଶିକ୍ଷାଦାନ ଯୋଗାଇ ଦିଆଯିବ ବୋଲି ଉପାଧ୍ୟକ୍ଷ ପ୍ରକାଶ କରିଛନ୍ତି ।

## ■ କାଠ ଚୋରଙ୍କ ପାଇଁ ୬ ଘଣ୍ଟା ଅନ୍ଧାରରେ ରୋହିବାଙ୍କ

# ବିଦ୍ୟୁତ୍ ବିଭ୍ରାଟକୁ ନେଇ ରାଜ୍ୟ ରାଜପଥ ଅବରୋଧ




ଓଡ଼ଗାଁ, ୨୧।୫ (ସମିସ): ଓଡ଼ଗାଁ ବିଦ୍ୟୁତ ସେକ୍ସନ ଅଧୀନ ରୋହିବାଙ୍କ ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ୧୧ କେଭି ବିଦ୍ୟୁତ ତାର ଉପରେ ଗଛ ଡାଳ ପଡ଼ିଯିବାରୁ ପ୍ରାୟ ୬ ଘଣ୍ଟା ଧରି ବିଦ୍ୟୁତ ସେବା ବିଚ୍ଛିନ୍ନ ହୋଇଥିଲା । ସନ୍ଧ୍ୟା ୭ଟାରୁ ରାତି ପ୍ରାୟ ୧ଟା ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଅନ୍ଧକାରରେ ରହିଥିଲା । ଅସହ୍ୟ ଗରମ ଓ ଗୁଳୁଗୁଳିରେ ଲୋକମାନେ ଡହଳବିକଳ ହେବା ସହ ବିଦ୍ୟୁତ ବିଭାଗ ପ୍ରତି ଅସନ୍ତୋଷ ପ୍ରକାଶ କରିଥିଲେ ।

ସୂଚନା ପାଇ ବିଦ୍ୟୁତ ବିଭାଗ କର୍ମଚାରୀମାନେ ପହଞ୍ଚି ଅନ୍ଧାରେ ତ୍ରୁଟି ଖୋଜିବାରେ ଲାଗିଥିଲେ । ଶେଷରେ ରାତି ପ୍ରାୟ ୧୨ଟା ୩ରେ ବାଘୁଆ ଡ୍ୟାମ ବନ୍ଧ ତଳେ ୧୧ କେଭି ତାର ଉପରେ ଏକ ବଡ଼ ଗଛ ଡାଳ ପଡ଼ିଥିବା ଦେଖିଥିଲା । କର୍ମଚାରୀମାନେ ଡାଳଟିକୁ ହଟାଇବା ପରେ ରାତି ପ୍ରାୟ ୧ଟାରେ ବିଦ୍ୟୁତ ଯୋଗାଣ ହୋଇଥିଲା । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, କିଛି କାଠ ଚୋର ଆକାଶିଆ ଗଛର ଦୁଇଟି ମୋଟା ଡାଳ କାଟୁଥିବା ବେଳେ ସେଥିରୁ ଗୋଟିଏ ଡାଳ ସିଧାସଳଖ ବିଦ୍ୟୁତ ତାର ଉପରେ ପଡ଼ିଯାଇଥିଲା ।

ଏହି ଘଟଣାରେ ଦୋଷ କାଠ ଚୋରଙ୍କର ଥିଲେ ମଧ୍ୟ ରାତିସାରା ସାଧାରଣ ଲୋକଙ୍କ ଅସନ୍ତୋଷ ଓ ଗାଳି ଶୁଣିବାକୁ ବିଦ୍ୟୁତ କର୍ମଚାରୀମାନଙ୍କୁ ପଡ଼ିଥିଲା । ତେବେ ଓଡ଼ଗାଁ ଅଞ୍ଚଳରେ ବିଦ୍ୟୁତ ବିଭ୍ରାଟ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଗତ ୧୯ ତାରିଖରେ ପ୍ରାୟ ୭ ଘଣ୍ଟା ଧରି ସମଗ୍ର ଅଞ୍ଚଳ ଅନ୍ଧାରରେ ରହିଥିବା ବେଳେ ବୁଧବାର କୋମଣ୍ଡ ନିକଟରେ ୩୩ କେଭି ତାର ଉପରେ ଗଛ ପଡ଼ିବାରୁ ଦୀର୍ଘ ସମୟ ବିଦ୍ୟୁତ ସେବା ବନ୍ଦ ରହିଥିଲା । ଗୁରୁବାର ମଧ୍ୟ ନୟାଗଡ଼ ଗ୍ରିଡର ଓଡ଼ଗାଁ ଫିଡରରେ ତୃଟି ଦେଖାଦେବାରୁ ପ୍ରାୟ ୬ ଘଣ୍ଟା ଧରି ବିଦ୍ୟୁତ ବିଚ୍ଛିନ୍ନ ହୋଇଥିଲା । ଗୁରୁବାର ରାତି ପ୍ରାୟ ୮.୩୦ରୁ ଖବର ଲେଖାଯିବା ପର୍ଯ୍ୟନ୍ତ ନୟାଗଡ଼-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥର ରୋହିବାଙ୍କ ଠାରେ ଉତ୍ୟକ୍ତ ଲୋକମାନେ ରାସ୍ତାରୋକ କରିଥିଲେ । ଖବର ପାଇ ଓଡ଼ଗାଁ ଥାନା ଆଇଆଇସି ସତ୍ୟନାରାୟଣ ବାରିକଙ୍କ ନିର୍ଦ୍ଦେଶରେ ଏସଆଇ ଚକ୍ରଧର ସିଂହ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରି ରାସ୍ତାରୋକ ହଟାଇବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକମାନେ ଓଡ଼ଗାଁ ଅଞ୍ଚଳରେ ବାରମ୍ବାର ଘଟୁଥିବା ବିଦ୍ୟୁତ ବିଭ୍ରାଟର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ ବିଭାଗର ତ୍ୱରିତ ହସ୍ତକ୍ଷେପ ଦାବି କରିଛନ୍ତି । ଅନ୍ୟଥା ଆଗାମୀ ଦିନରେ ଜନଅସନ୍ତୋଷ ଆହୁରି ତୀବ୍ର ହେବାର ଆଶଙ୍କା ପ୍ରକାଶ ପାଇଛି ।

# ରାସ୍ତାକଡ଼ରେ ବେଧଡ଼କ ଚାଲିଥିଲା ସେକ୍ସ ରାକେଟ



**➤ ୨ ରାଣୀ ମହୁମାଛି ସମେତ ୫ ଗ୍ରାହକ ଗିରଫ**
**➤ ୪ ଦେହଜୀବୀ ଗଲେ ସୁଧାର ଗୃହ**

**ଜଟଣୀ, ୨୧।୫ (ସମିସ) :** ଦୁଇ ମାସର ଲୁଚା ଛପା ପରେ ଜଟଣୀ ପୁଲିସ ପଞ୍ଝାରେ ସେକ୍ସ ରାକେଟ ।୨ ରାଣୀ ମହୁମାଛି ସମେତ ୫ ଗ୍ରାହକ ଗିରଫ। ୪ ଜଣ ଦେହଜୀବୀଙ୍କୁ ସୁଧାର ଗୃହରେ ଛାଡିଲା ପୁଲିସ। ସୂଚନା ଅନୁଯାୟୀ, ଜଟଣୀ ସହର ସାଇ ମନ୍ଦିର ଅଞ୍ଚଳରେ ଥିବା ବେହେରା ସାହିରେ ୨ ମାସ ହେଲାଣି ଦେହ ବେପାର ଚାଲିଥିଲା । ଦୀର୍ଘ ଦିନର ଛକାପଞ୍ଝା ପରେ ବୁଧବାର ରାତିରେ ଜଟଣୀ ପୁଲିସ ଏକ ଟିମ ଚଢ଼ାଉ କରି ଏହି ରାକେଟର ପର୍ଦାଫାଶ କରିଛି । ଚଢ଼ାଉ ବେଳେ ୨ ରାଣୀ ମହୁମାଛି ତଥା ଏହି ସେକ୍ସ ରାକେଟର କିଙ୍ଗପିନ ସ୍ଥାନୀୟ ରେତଙ୍ଗ କଲୋନୀର ଡି ଗୌରୀ ଓ ଖୋର୍ଦ୍ଧା ବାଣପୁର ଥାନା ଅଞ୍ଚଳର ପ୍ରଭାତୀ ସ୍ୱାଇଁଙ୍କୁ ପୁଲିସ ଗିରଫ କରିଛି । ଘଟଣା ସ୍ଥଳରୁ ୫ଜଣ ଗ୍ରାହକ ଓ ୪ ଦେହଜୀବୀଙ୍କୁ ଗିରଫ କରାଯାଇଛି । ସେକ୍ସ ରାକେଟରେ ସହଯୋଗ କରୁଥିବା ସ୍ଥାନୀୟ ତେଲୁଗୁ ଚର୍ଚ୍ଚ ନିକଟରେ ରହୁଥିବା ଅଟୋ ଡ୍ରାଇଭର ବି କୁମାର କୁ ମଧ ଗିରଫ କରାଯାଇଛି । ଚଢ଼ଉ ବେଳେ ୫ଟି ମୋବାଇଲ, ନଗଦ ୫୨୫୦ ଟଙ୍କା ସହ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି । ଗତକାଲି ସବ ଇନସପେକ୍ଟର ଅହଲ୍ୟା ବେହେରାଙ୍କ ନେତୃତ୍ୱରେ ଜଟଣୀ ପୋଲିସର ଏକ ଟିମ ଅତର୍କିତ ଭାବେ ଚଢ଼ାଉ କରି ଏହି ରାକେଟର ପର୍ଦାଫାସ କରିଥିଲେ। କେଶ ନମ୍ବର ୨୫୬ ରେ ମାମଲା ରୁଜୁ କରାଯାଇ ୭ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ୪ଦେହଜୀବୀଙ୍କୁ ସୁଧାର ଗୃହକୁ ପଠାଯାଇଛି । ଏହି ରାକେଟ ପଛରେ ଜନୈକ ଯୁବ ସମାଜସେବୀଙ୍କ ପ୍ରଚ୍ଛନ୍ନ ହାତ ଥିବା ଜଟଣୀ ସହରରେ ଚର୍ଚ୍ଚା ଜୋର ଧରିଛି ।

# ନିରାକାରପୁର ଥାନା ପକ୍ଷରୁ ଜଳଛତ୍ର



**ନିରାକାରପୁର, ୨୧।୫ (ସମିସ) :** ଆଜି ନିରାକାରପୁର ଥାନା ସାମ୍ନାରେ ପଥିକମାନଙ୍କ ଶୋଷ ମେଣ୍ଟାଇବା ପାଇଁ ଏକ ସ୍ୱତନ୍ତ୍ର ଜଳଛତ୍ର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ଦ୍ୱାରା ଏହି ଜଳଛତ୍ରଟି ଉଦଘାଟିତ ହୋଇଥିଲା। ଥାନାର ଏଏସଆଇ ସୁନୀତା ମଲ୍ଲିକ, ଏଏସଆଇ ଗୁପ୍ତ ପ୍ରସାଦ ମହାନ୍ତି, ଏଏସଆଇ ପାର୍ବତୀ ଦେଇ, ହାବିଲଦାର ରତ୍ନାକର ବେହେରାଙ୍କ ସମେତ ନିରାକାରପୁର ଥାନାର ସମସ୍ତ କର୍ମଚାରୀ ସଜାଗ ରହି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

**ଖୋର୍ଦ୍ଧା ପୌର ପରିଷଦ ଟେଣ୍ଡର ଆହ୍ୱାନରେ ଅନିୟମିତତା ଅଭିଯୋଗ**

# ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଲେ ଦୁଇ କାଉନସିଲର ପ୍ରତିନିଧି

**ଖୋର୍ଦ୍ଧା,୨୧।୫(ସମିସ):** ସହରାଂଚଳ ଉନ୍ନତିକରଣ ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ୨୨ଗୋଟି ୱାର୍ଡରେ ରାସ୍ତା, ନାଳ ମରାମତି ଏବଂ ନୂତନ ଭାବେ ନିର୍ମାଣ କରିବାକୁ ଚଳିତ ବର୍ଷ ଏପ୍ରିଲ ମାସ ୨୪ତାରିଖ ଦିନ ଇ - ପ୍ରକ୍ୟୁରମେଂଟ ନୋଟିସ ନଂ ୧୩୮୮ ମାଧ୍ୟମରେ ଅନ ଲାଇନ ପ୍ରକ୍ରିୟାରେ ଟେଣ୍ଡର ଆହ୍ୱାନ ପୌର କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିଲା।

ଅନ୍ୟପକ୍ଷରେ ଟେଣ୍ଡର ଆହ୍ୱାନ ସମ୍ପର୍କରେ ବିସ୍ତୃତ ଭାବେ ଜଣାପଡିବା ପରେ ୱାର୍ଡ ବାସୀ ଏବଂ କାଉନ୍ସିଲରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଡକାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ୨୨ଗୋଟି ୱାର୍ଡ ମଧ୍ୟରୁ ମାତ୍ର ୧୪ଗୋଟି ୱାର୍ଡର ୩୫ଗୋଟି ପ୍ରକଳ୍ପ ନିମନ୍ତେ ୨କୋଟି ୧୨ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥି ମଧ୍ୟରୁ ୱାର୍ଡ ନଂ ୪,୧୧,୧୨,୧୫ ର ବିଭିନ୍ନ ପ୍ରକଳ୍ପ ନିମନ୍ତେ ମୋଟ ଟେଣ୍ଡର ମୂଲ୍ୟର ୭୫ପ୍ରତିଶତ ଅର୍ଥ ମଞ୍ଜୁର ହୋଇଥିବାର ଜଣାପଡିଛି। ୱାର୍ଡ ନଂ ୧, ୨, ୫, ୬, ୮, ୧୦, ୧୮ ସମ୍ପୂର୍ଣ୍ଣ ଭାବେ ଟେଣ୍ଡର ପ୍ରକ୍ରିୟାରୁ ବାଦ ପଡ଼ିଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ୧୩ନଂ ୱାର୍ଡ କାଉନ୍ସିଲର ଙ୍କ ପ୍ରତିନିଧି ରାଜେଶ୍ ପ୍ରଧାନ ଏବଂ ୧୮ ନଂ ୱାର୍ଡ କାଉନ୍ସିଲର ପ୍ରତିନିଧି ବଦ୍ରି ନାରାୟଣ ସାହୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

### ୩୫ଟି ପ୍ରକଳ୍ପ ନିମନ୍ତେ ଡକାଯାଇଥିବା ଟେଣ୍ଡର ବାତିଲ !

ପ୍ରକାଶ ଥାଉକି, ଉଭୟ ୱାର୍ଡ କାଉନ୍ସିଲର କାଦମ୍ବିନୀ ରାଉତ ଏବଂ ବିଦୁଲତା ସାହୁ କିଛିଦିନ ତଳେ ଜିଲ୍ଲାପାଳଙ୍କୁ ଭେଟି ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା, ପକ୍ଷପାତିତା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ସେହିସମାନ ଅଭିଯୋଗ ରାଜ୍ୟ ସରକାରଙ୍କ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ପତ୍ର ଦ୍ୱାରା ଦୁଇ କାଉନସିଲରଙ୍କ ପ୍ରତିନିଧି କରିଥିବା କହିଛନ୍ତି। ଇତି ମଧ୍ୟରେ ଏପ୍ରିଲ ୨୪ତାରିଖ ଦିନ ଅନ ଲାଇନରେ ନୋଟିଫିକେଶନ ହୋଇଥିବା ଟେଣ୍ଡର ଆବେଦନ ତାରିଖ ପରେ ତାରିଖ ବୃଦ୍ଧି ବିନା କାରଣରେ ପୌର ପ୍ରଶାସକ କରି ଚାଲିଥିଲେ। ତେବେ ଦୁଇ ମହିଳା କାଉନସିଲରଙ୍କ ପ୍ରତିନିଧି ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିବା ମାମଲାର ଆଇନଜୀବୀ ଅଚ୍ୟୁତାନନ୍ଦ ପଟ୍ଟନାୟକ ଟେଣ୍ଡରକୁ ବାତିଲ କରିବା ଏବଂ ବର୍ତ୍ତମାନ ଟେଣ୍ଡର ପ୍ରକ୍ରିୟାରେ ଅନୁକମ୍ପା, ପକ୍ଷ ପାତିତା ଏବଂ ଅନିୟମିତତା ଅଭିଯୋଗ କାରଣରୁ ବାତିଲ କରିବାକୁ ପୌର ଅଧିକାରୀଙ୍କୁ ନୋଟିସ ଜାରି କରିବା ସହିତ ଆସନ୍ତା ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ ଆଇନଜୀବୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି।

ଏସବୁ ମଧ୍ୟରେ ପୌର ଅଧିକାରୀ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିଥିବାବେଳେ ଟେଣ୍ଡର ପ୍ରକ୍ରିୟାରେ ଉଲ୍ଲେଖ ଥିବା ଶ୍ରମିକମାନଙ୍କ ପାରିଶ୍ରମିକ ଅର୍ଥ ପରିବର୍ତ୍ତନର ଆବଶ୍ୟକତା ରହିଥିବାରୁ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରାଯାଇଥିବାର କାର୍ଯ୍ୟରତ ଏକ ମାତ୍ର କନିଷ୍ଠ ଯନ୍ତ୍ରୀ ପ୍ରକାଶ କରିଥିବାର କିଛି ବ୍ୟକ୍ତି ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଯାହା ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟ କରିବାର ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାତ୍ର ଦୁଇ ମହିଳା କାଉନ୍ସିଲରଙ୍କ ପ୍ରତିନିଧି ଶ୍ରୀ ସାହୁ ଏବଂ ଶ୍ରୀ ପ୍ରଧାନ ଜିଲ୍ଲାପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ଅବଗତ ଏବଂ ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ପରେ କିଛି ଠିକାଦାରଙ୍କୁ ଅନୁକମ୍ପା ପୂର୍ବକ ତାରିଖ ପରେ ତାରିଖ ଗଡ଼ାଇ ଦିଆଯାଉଥିବା ଟେଣ୍ଡରକୁ ଶେଷରେ ପୌର ଅଧିକାରୀ ବାତିଲ କରିବାକୁ ବାଧ ହୋଇଥିବାର ସାଧାରଣରେ ଆଲୋଚନା ଜୋର ଧରିଛି।

# କାଳବୈଶାଖୀ ବର୍ଷା ଆଣିଲା ଆଶ୍ୱସ୍ତି

**ଖୋର୍ଦ୍ଧା,୨୧।୫(ସମିସ):** ଗତ କିଛିଦିନ ହେବ ଖୋର୍ଦ୍ଧା ସହରରେ ଜାରୀ ରହିଛି ଅଗ୍ନିବର୍ଷା। ଦିନ ପ୍ରାୟ ସାଢେ ୯ଟା ପରେ ସହରରେ ନିଆଁ ହୁଳା ଜଳୁଛି।ଫଳରେ ପ୍ରଭାବିତ ହେଉଛି ସାଧାରଣ ଜୀବନଯାତ୍ରା। ଯଦିଓ ସନ୍ଧ୍ୟାରେ କାଳ ବୈଶାଖି ପ୍ରଭାବରେ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳୁଛି ତଥାପି ଜରୁରୀ କାର୍ଯ୍ୟ ନପଡ଼ିଲେ ଦିନ ୯ଟା ପରେ ପଦାକୁ ବାହାରିବାକୁ ଲୋକ ଭୟକରୁଛନ୍ତି। ଦିପ୍ରହରରେ ତାପମାତ୍ରା ପ୍ରାୟ ୪୦ଡ଼ିଗ୍ରୀ ଉପରେ ରହୁଥିବାବେଳେ ସତେ ଯେମିତି ଅଘୋଷିତ କର୍ଫ୍ୟୁ ଜାରି ହୋଇଛି। ଆଜି ଦିନ ତମାମ ଖରା ଓ ଗୁଳୁଗୁଳିରେ ଲୋକେ ଝାଳରେ ଅସ୍ତବ୍ୟସ୍ତ କରିଥିଲା। ଛାଇ ଟିକିଏ ପାଇଁ କିଏ ଗଛ ଛାଇ ତଳେ ଆଶ୍ରୟ ନେଉଛି ତ ଆଉ କିଏ ପାଣି ଠୋପାଏ ଖୋଜୁଥିଲା। ମାତ୍ର ସନ୍ଧ୍ୟାର କାଳବୈଶାଖୀ ବର୍ଷା ଲୋକଙ୍କୁ ଆଶ୍ୱସ୍ତି ଆଣିଦେଇଛି।

# ଭିଜିଲାନ୍ସ ଜାଲରେ ସ୍ୱାସ୍ଥ୍ୟକର୍ମୀ

**ଖୋର୍ଦ୍ଧା, ୨୧।୫(ସମିସ):**



ମୃତ୍ୟୁପ୍ରମାଣ ପତ୍ରର ଫାଇଲ ପ୍ରକିୟାକରଣ ଲାଗି ୧ହଜାର ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡିଛନ୍ତି ଖୋର୍ଦ୍ଧା ଉପକଣ୍ଠ ହଳଦିଆ ସିଏଚ୍‌ସିର ପୁରୁଷ ସ୍ୱାସ୍ଥ୍ୟକର୍ମୀ (ଏମଏଚଡବ୍ଲୁ) ବିଭୂତି ଭୂଷଣ ସାହୁ। ବିଭୁତିଙ୍କ ଘର ନିକଟସ୍ଥ ନିଆଳ ହୋଇଥିବାବେଳେ ସେ ଗୁରୁଜଙ୍ଗ ଅଂଚଳରେ ଘର କରି ଦୀର୍ଘଦିନ ହେବ ରହୁଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତାଙ୍କ ଠାରୁ ରଙ୍ଗବୋଳା ଟଙ୍କା ଭିଜିଲାନ୍ସ ଟିମ୍ ଜବତ କରିବା ସହ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୮/୨୬ରେ ଏକ ମାମଲା ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ ର ଧାରା-୭ ଅନୁଯାୟୀ ରୁଜୁ କରାଯାଇଛି।

ପ୍ରକାଶ ଥାଉକି, ସଦରଥାନା ଅନ୍ତର୍ଗତ କଂଟାବଣିଆ ଗ୍ରାମର ଚିତ୍ରସେଣ ସାହୁ ତାଙ୍କ ବାପା ଓ ମାଆଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ଉପଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ନିକଟରେ ଗତ ଅପ୍ରେଲ ମାସରେ ଆବେଦନ କରିଥିଲେ। ଏ ନେଇ ସମସ୍ତ ସ୍ତରରୁ ତଦନ୍ତ ରିପୋର୍ଟ ଆସିବା ପରେ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇ ରେଜିଷ୍ଟ୍ରାର୍ (ଜନ୍ମ-ମୃତ୍ୟୁ) ଓ ଚିକିତ୍ସା ଅଧିକାରୀ ହଳଦିଆ ସିଏଚ୍‌ସିଙ୍କୁ ମୃତ୍ୟୁ ପ୍ରମାଣପତ୍ର କରିବାକୁ କହିଥିଲେ। ମାତ୍ର ସିଏଚ୍‌ସି ର ପୁରୁଷ ସ୍ୱାସ୍ଥ୍ୟକର୍ମୀ ବିଭୁତି ଅଭିଯୋଗକାରୀ ଚିତ୍ରସେଣଙ୍କର ପରିଚିତ ହୋଇଥିବାରୁ ତାଙ୍କଠାରୁ ୧୫୦୦ ବଦଳରେ ୧୩୦୦ଟଙ୍କା ଲାଂଚ ଦାବି କରିଥିଲା। ମୃତ୍ୟୁ ପ୍ରମାଣପତ୍ରର ଆବଶ୍ୟକତା ରହିଥିବାରୁ ଚିତ୍ରସେଣ ବାଧ ହୋଇ ଉକ୍ତ ସମୟରେ ୨୦୦ଟଙ୍କା ଦେଇଥିଲେ। ପରେ ବାରମ୍ବାର ଦୌଡିଥିଲେ ମଧ ବିଭୁତି ତାଙ୍କ ଫାଇଲ କୁ ଆଗକୁ ବଢାଇନଥିଲେ। ଗତ ୫ ତାରିଖରେ ଚିତ୍ରସେଣ ପୁଣି ସିଏଚ୍‌ସି କୁ ଯାଇ ଫର୍ମ ଦେଇଥିବାବେଳେ ବିଭୁତିଙ୍କୁ ଭେଟି କାମର ଅଗ୍ରଗତି ସମ୍ପର୍କରେ ଚାରିଥିଲେ। କିନ୍ତୁ ୧୧୦୦ ଟଙ୍କା ନଦେବା ଯାଏଁ ଫାଇଲ୍ ଆଗେଇବାକୁ ମନା କରିଦେଇଥିଲେ। ପରେ କଥା ୧,୦୦୦ରେ ଛିଡିଥିଲା। କିନ୍ତୁ ଏଥିରେ ହତାଶା ଭାବ ଅନୁଭବ କରି ଚିତ୍ରସେଣ ଗତକାଲି (ବୁଧବାର) ଖୋର୍ଦ୍ଧା ଭିଜିଲାନ୍ସଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଭୁତି କୁ ଧରିବାକୁ ଭିଜିଲାନ୍ସ ଟିମ୍ ଯୋଜନା ପ୍ରସ୍ତୁତ କରିଥିଲା। ଆଜି ଚିତ୍ରସେଣ ବିଭୁତି କୁ ଦାବି ମୁତାବକ ଅର୍ଥଦେବାବେଳେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ୍ ବିଭୁତିକୁ କାବୁ କରିଥିଲେ। ସମ୍ପୂର୍ଣ୍ଣ ଲାଂଚ ଟଙ୍କା ବିଭୁତିଙ୍କ ପାଖରୁ ଜବତ କରାଯାଇଛି। ତାଙ୍କର ବାସସ୍ଥାନରେ ଭିଜିଲାନ୍ସ ଟିମ ପକ୍ଷରୁ ଚଡଉ କରାଯାଇ ତଦନ୍ତ ଚାଲିଛି।

ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉରେ ଡିଏସପି ଖୋର୍ଦ୍ଧା ଚନ୍ଦ୍ରକଳା ଜେନା, ଇନ୍ସପେକ୍ଟର ଜ୍ଞାନରଞ୍ଜନ ମହାପାତ୍ର, ରବିନ୍ଦ୍ର କୁମାର ପାତ୍ର, ମଧୁସ୍ମିତ। ପର ପ୍ରମୁଖ ସାମିଲ ହୋଇଥିଲେ।

# ସମାଜସେବୀଙ୍କ ପରଲୋକ

**ଟାଙ୍ଗୀ, ୨୧।୫ (ସମିସ):** ଟାଙ୍ଗୀର ହରିବନ୍ଧୁ ବାରିକ(୭୦) ଙ୍କର ହୃଦଘାତରେ ପରଲୋକ ଘଟିଥିବା ଜଣାପଡିଛି। ସେ ଟାଙ୍ଗୀ ପୂର୍ତ୍ତବିଭାଗ ର ଅବସରପ୍ରାପ୍ତ କର୍ମଚାରୀ ଥିଲେ। ଯୁବ ଶିଳ୍ପୋଦ୍ୟୋଗୀ ପ୍ରିୟରଂଜନ ପାତ୍ର, ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି,ଭୋଳାନାଥ ଶତପଥି,ଆଡଭୋକେଟ ଅମରେନ୍ଦ୍ର ମହାନ୍ତି,ଟାଙ୍ଗୀ ଲୟର୍ସ ବାର ଆସୋସିଏସନର ସଭାପତି ସୁରେନ୍ଦ୍ର କୁମାର ବେହେରା,ପୂର୍ବତନ ସଂପାଦକ ପିତବାସ ନାୟକ,ଉପେନ୍ଦ୍ର କୁମାର ସାହୁ, ବରିଷ୍ଠ ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ, ଡାକ୍ତର ମଧୁସୂଦନ ସେନାପତି, ପୂର୍ବତନ ସରପଞ୍ଚ ମିରାବାଇ ସେନାପତି, ନନ୍ଦକିଶାର ଭୂଜବଳ,ଲଳିତ କୁମାର ମୋହିନି, ଆଡଭୋକେଟ ଆନ୍ଥୋନି ଜଗଦେବ, ଜ୍ୟୋସ୍ନାରାଣି ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାର ଠାରେ ଅନ୍ତେଷ୍ଟିକ୍ରିୟା କରାଯାଇଥିବାବେଳେ ଜ୍ୟେଷ୍ଠପୁତ୍ର ସନ୍ତୋଷ ମୁଖାଗ୍ନି ପ୍ରଦାନ କରିଥିଲେ।

# ବିପୁଳ ମଦ ସହ ୩ ବାଇକ୍ ଜବତ, ତିନି ଗିରଫ

**ବାଲୁଗାଁ,୨୧।୫(ସମିସ) :** ଗୁରୁବାର ପୂର୍ବାହ୍ନରେ ବାଣପୁର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢାଉ କରି ଦୁଇଟି ବାଇକ ଓ ଗୋଟିଏ ସ୍କୁଟି ସହ ୩୧୦ଲିଟର ଦେଶୀ ମହୁଲି ମଦ ଜବତ କରି ତିନି ଜଣ ଅଭିଯୁକ୍ତଙ୍କୁ ଗିରଫକରିବାରେ ସଫଳ ହୋଇଛି ବିଭାଗ। ଅବକାରୀ ବିଭାଗ ଶାଳିଆ କେନାଲ ରାସ୍ତାର ମୁକ୍ତାଦେଇପୁର ଗ୍ରାମ ନିକଟରେ ଚଢାଉ କରିଥିବା ବେଳେ ଚଢାଉ ସମୟରେ ସେହି ରାସ୍ତା ଦେଇ ଜଣେ ବ୍ୟକ୍ତି ଏକ ସ୍କୁଟିରେ ଦୃତ ଗତିରେ ଆସୁଥିବା ବେଳେ ତାକୁ ଅଟକାଇ ତଲାସିବାରେ ଅଭିଯୁକ୍ତ ଠାରୁ ୬୦ଲିଟର ଦେଶୀ ମଦ ସହ ଚୋରା ମଦ ଚାଲାଣରେ ବ୍ୟବହୃତ ସ୍କୁଟିକୁ ଜବତ କରିଥିବା ବେଳେ ଅଭିଯୁକ୍ତ ବାଣପୁର ଥାନା ଅନ୍ତର୍ଗତ ସାନଦାମୋଦରପୁର ଗ୍ରାମର କେଦାର ବରାଳ(୪୭)କୁ ଗିରଫ କରିଥିଲେ। ସେହିପରି ଅବକାରୀ ଟିମ ସାନଶିରେଇପୁର ବେରୁଆଁବାଡ଼ି ଗ୍ରାମ ରୋଡରେ ଚଢାଉ କରି ଏକ ବାଇକ୍‌ରେ ଦେଶୀ ମଦ ଚାଲାଣ କରୁଥିବା ଅଭିଯୁକ୍ତ ନାଚୁଣୀ ଥାନା ଅନ୍ତର୍ଗତ ଆୟତପୁର ଗୋପିନାଥପ୍ରସାଦ ଗ୍ରାମର ନିଲୁ ସାସମଲ (୪୧)କୁ ଗିରଫ କରି ତା ନିକଟରୁ ୧୩୦ଲିଟର ଦେଶୀ ମଦ ସମେତ ଚୋରା ମଦ ଚାଲାଣରେ ବ୍ୟବହୃତ ବାଇକ ଜବତ କରିଥିଲେ। ଅନୁରୂପ ଭାବେ ଅବକାରୀ ଟିମ ଅରାଙ୍ଗ ସାନସିରେଇପୁର ରୋଡ଼ର ଫରେଷ୍ଟ ବିଟ ହାଉସ ନିକଟରେ ଚଢାଉ କରି ଦୃତ ଗତିରେ ଆସୁଥିବା ଏକ ବାଇକକୁ ଅଟକାଇ ତଲାସିବାରେ ୧୨୦ ଲିଟର ଦେଶୀ ମଦ ସହ ଚୋରା ମଦ ଚାଲାଣରେ ବ୍ୟବହୃତ ବାଇକକୁ ଜବତ କରିଥିବା ବେଳେ ଅଭିଯୁକ୍ତ ବାଣପୁର ବଡଶିରେଇପୁର ଗ୍ରାମର ଭାଗୀରଥି ପ୍ରଧାନ (୩୫)କୁ ଗିରଫ କରିଥିଲେ।

# ମା’ ଖିଲାମୁଣ୍ଡା ଦେବୀଙ୍କ ପୀଠରେ ଦେବଦେବୀଙ୍କ ମହାମେଳଣ



**ବାଲୁଗାଁ,୨୧।୫(ସମିସ);** ବାଣପୁର ବ୍ଲକ ଅନ୍ତର୍ଗତ ପଙ୍କାଳ ଏବଂ ମହତପଲ୍ଲୀ ଗ୍ରାମର ଆରାଧ୍ୟା ଠାକୁରାଣୀ ମା’ ଖିଲାମୁଣ୍ଡା ଦେବୀଙ୍କ ପୀଠରେ ଚାରି ଦିନ ବ୍ୟାପୀ ଅନୁଷ୍ଠିତ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞର ଅନ୍ତିମ ଦିବସରେ ଦଶ ଦୁର୍ଗାଙ୍କ ସମେତ ଶ୍ରୀ ଗୋପୀନାଥ ଦେବ ଓ ଶ୍ରୀ ବାଙ୍କନିଧି ଦେବଙ୍କ ମହାମେଳନ ମହୋତ୍ସବ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇ ଯାଇଛି। ଶନିବାରେ ଅଙ୍କୁରାରୋପଣ ହୋଇଥିବା ବେଳେ ରବିବାର ଦିନ କଳସ ଯାତ୍ରା ହୋଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ସୋମବାର ପ୍ରାତଃ କାଳରୁ ସୂର୍ଯ୍ୟ ପୂଜା, ଶାଳା ପୂଜା ସହ ଯଜ୍ଞ ଆରମ୍ଭ ହୋଇ ମଙ୍ଗଳବାର ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ପୂର୍ଣ୍ଣାହୁତି ଅବସରରେ ମା’ ଖିଲାମୁଣ୍ଡା ଦେବୀଙ୍କ ନିମନ୍ତ୍ରଣ କ୍ରମେ ଆଖପାଖ ଅଞ୍ଚଳର ମା’ ଖିଲାମୁଣ୍ଡା ବିଜେ ପଙ୍କାଳ, ମା’ ଶୂଳିଆ ଦେବୀ ବିଜେ ଓଡଗାଁ, ମା’ ଆଙ୍କୁଲେଇ ବିଜେ ଗମ୍ଭାରୀମୁଣ୍ଡା, ମା’ ବ୍ରାହ୍ମଣୀ ଦେବୀ ବିଜେ ଗମ୍ଭାରୀମୁଣ୍ଡା, ମା’ ବ୍ରାହ୍ମଣୀ ଦେବୀ ବିଜେ କରଡାପଲ୍ଲୀ, ମା’ ବ୍ରାହ୍ମଣୀ ଦେବୀ ବିଜେ ଟାଙ୍ଗୀ, ମା’ ଉତ୍ତରାୟଣୀ ବିଜେ ବିଞ୍ଝଳା, ମା’ ବୁଢୀମା ବିଜେ ରାହାଣବେଲୀ, ମା ବ୍ରାହ୍ମଣୀ ଦେବୀ ବିଜେ ତୋଟା ପ୍ରମୁଖ ଦେବୀଙ୍କ ବିଜେ ପ୍ରତିମା କାଠି ଠାକୁରାଣୀଙ୍କ ସମେତ ଶ୍ରୀ ଗୋପୀନାଥ ଦେବ ଓ ଶ୍ରୀ ବାଙ୍କନିଧି ଦେବ ସୁସଜ୍ଜିତ ବିମାନରେ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ମେଳଣ ପଡ଼ିଆରେ ଆସି ପହଞ୍ଚିଥିଲେ। ଦେବୀଙ୍କ ନୀତିକାନ୍ତି ପୂଜାର୍ଚ୍ଚନା କରାଯିବା ସହ ଅପରାହ୍ନରେ ସମସ୍ତ ବିଜେ ପ୍ରତିମାଙ୍କ ମହା ମେଳନ ପର୍ବ ଅନୁଷ୍ଠିତ ହୋଇଥିଲା।

**ଚିକିତ୍ସାଧୀନ ଗର୍ଭବତୀଙ୍କ ମୃତ୍ୟୁ**

# ତ୍ରୁଟିପୂର୍ଣ୍ଣ ଚିକିତ୍ସା ଅଭିଯୋଗରେ ଧାରଣା

**ବାଣପୁର,୨୧।୫(ସମିସ) :** ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଜଣେ ଗର୍ଭବତୀ ମହିଳାଙ୍କର ବୁଧବାର ସନ୍ଧ୍ୟାରେ ପ୍ରସବ ସମୟରେ ମୃତ୍ୟୁ ଘଟିଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ମହିଳାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପ୍ରସବ ସମୟରେ ଫିଟ୍ସ ମାରିବାରୁ ମହିଳା ଜଣଙ୍କର ଅବସ୍ଥା ଗୁରୁତର ହୋଇପଡି ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇ ଥିଲା, ଚିକିତ୍ସାରେ କୌଣସି ଅବହେଳା କରାଯାଇ ନାହିଁ ବୋଲି ରାତ୍ରକାଳୀନ ଦାୟିତ୍ୱରେ ଥିବା ଡାକ୍ତର ପ୍ରକାଶ କରିଛନ୍ତି। ତେବେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତ୍ତେଜନା ଲାଗି ରହିଥିବା ବେଳେ ଖବର ପାଇ ବାଣପୁର ପୁଲିସ ଡାକ୍ତରଖାନାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପ୍ରସୂତିଙ୍କ ମୃତ୍ୟୁ ଘଟଣା ଗୁରୁବାର ଉଗ୍ରରୂପ ଧାରଣ କରିଛି। ମୃତ ପାୟଲଙ୍କ ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀ ଦିନ ତମାମ ଡାକ୍ତରଖାନା ସମ୍ମୁଖରେ ରାସ୍ତା ଅବରୋଧ କରିବା ସହ ସଂପୃକ୍ତ ଡାକ୍ତରଙ୍କୁ ଗିରଫ ସହ କ୍ଷତି ପୂରଣ ଦାବି କରି ଧାରଣରେ ବସିଥିଲେ। ତେବେ ସନ୍ଧ୍ୟାରେ ସ୍ଥାନୀୟ ପ୍ରଶାସନ, ପୁଲିସ ଏବଂ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ଘଟଣାର ସମାଧାନ କରାଯାଇ ଜିଲ୍ଲା ରେଡକ୍ରସ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୯୦ ହଜାର ଟଙ୍କା ସହ ଜନ ପ୍ରତିନିଧିଙ୍କ ପକ୍ଷରୁ ୭୫ ହଜାର ଟଙ୍କା ସହାୟତାର ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ମୃତ ମହିଳାଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ବୁଧବାର ସକାଳୁ ବାଣପୁର ବଡ ହନୁଆଡ଼ ହରିଜନ ସାହିର ଗର୍ଭବତୀ ମହିଳା ପାୟଲ ନାୟକ (୨୩)ଙ୍କ ପ୍ରସବ ବେଦନା ହେବାରୁ ପରିବାର ଲୋକେ ପ୍ରସବ ପାଇଁ ବାଣପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଦିନ ତମାମ ଡାକ୍ତର ଚିକିତ୍ସା ଜାରି ରଖିଥିବା ବେଳେ ସନ୍ଧ୍ୟାରେ ଅଧିକ ଯନ୍ତ୍ରଣା ହେବାରୁ ପ୍ରସବ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡା. ରମାକାନ୍ତ ନାୟକ ପ୍ରସବ ଗୃହକୁ ନେଇଥିଲେ। ତେବେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପାୟଲ ସୁସ୍ଥ ଥିବା ବେଳେ ପ୍ରାୟ ୫:୩୦ ମିନିଟ୍ ସମୟରେ ପାୟଲଙ୍କୁ ଫିଟ୍ସ ମାରିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ନର୍ସ ପ୍ରସୂତୀକୁ ଏକ ଇଞ୍ଜେକ୍ସନ ଦେଇଥିଲେ। ମାତ୍ର ଏହାର କିଛି ସମୟ ପରେ ପରିବାର ଲୋକେ ପାୟଲଙ୍କୁ ସଂକଟାପର୍ଣ୍ଣ ଅବସ୍ଥାରେ ଦେଖିବାକୁ ପାଇ ଥିଲେ। ଏପରିସ୍ଥଳେ ଡାକ୍ତର ରମାକାନ୍ତ ନାୟକ ସନ୍ଧ୍ୟା ପ୍ରାୟ ୬:୪୦ ମିନିଟ୍ ସମୟରେ ପ୍ରସୂତୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରିବା ପାଇଁ ଡା.ଅନିରୁଦ୍ଧଙ୍କୁ ଦାୟୀତ୍ୱ ଦେଇ ଡାକ୍ତରଖାନା ଛାଡି ଚାଲି ଯାଇଥିଲେ। ହେଲେ ସେତେବେଳକୁ ପାୟଲଙ୍କ ମୃତ୍ୟୁ ହୋଇ ଯାଇଥିବା ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଓ ଅବହେଳା ଯୋଗୁଁ ପାୟଲଙ୍କ ମୃତ୍ୟୁ ହୋଇ ଯାଇଥିବା ବେଳେ ନିଜ ଉପରୁ ଦୋଷ ଖସାଇବା ପାଇଁ ମୃତ ମହିଳାଙ୍କୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ଅନ୍ୟତ୍ର ସ୍ଥାନାନ୍ତର କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବର ପ୍ରଘଟ ହେବାରେ ଏହାକୁ ନେଇ ପାୟଲଙ୍କ ପରିବାର, ସମ୍ପର୍କୀୟ ଓ ଗ୍ରାମର ଲୋକେ ଡାକ୍ତରଖାନାରେ ରୁଣ୍ଡ ହୋଇ ହୋହାଲ୍ଲା କରିବାରେ ଡାକ୍ତରଖାନା ପରିସରରେ ଉତ୍ତେଜନା ଲାଗି ରହିଥିଲା। ପୁଲିସ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ସଂପୃକ୍ତ ଡାକ୍ତରଙ୍କୁ ଗିରଫ କରିବା ଏବଂ ମୃତ ମହିଳାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ବୁଧବାର ସନ୍ଧ୍ୟାରେ ପରିବାର ଓ ସମ୍ପର୍କୀୟମାନେ ଡାକ୍ତରଖାନା ସମ୍ମୁଖ ରାସ୍ତା ଅବରୋଧ କରି ଧାରଣାରେ ବସି ରହିଥିଲେ।ପୁଲିସ ଓ ପ୍ରଶାସନୀକ ଅଧିକାରୀଙ୍କ ବୁଝାସୁଝା ପରେ ମଧ ସମାଧାନର କୌଣସି ସୂତ୍ର ବାହାରି ନଥିବା ବେଳେ ଗୁରୁବାର ଏନେଇ ବାଣପୁର ଥାନାରେ ପାୟଲଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇ ଥିଲା। ଗୁରୁବାର ସକାଳୁ ପୁଣି ଦିନ ତମାମ ପାୟଲଙ୍କ ପରିବାର ସଦସ୍ୟ ଏବଂ ଗ୍ରାମର ଲୋକେ ବାଣପୁର ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖ ରାସ୍ତା ଅବରୋଧ କରି ଧାରଣା ଦେଇ ବସିଥିବା ବେଳେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ବ୍ୟାପକ ପୁଲିସ ଟିମ ନିୟୋଜିତ ଥିଲେ। ଫଳରେ ଗୁରୁବାର ସନ୍ଧ୍ୟା ଯାଏଁ ମୃତକ ପାୟଲ ନାୟକଙ୍କ ଶବ ବ୍ୟବଚ୍ଛେଦ ହୋଇ ପାରିନଥିଲା। ସନ୍ଧ୍ୟାରେ ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ବାଣପୁର ଥାନା ଅଧିକାରୀ ଜୟ ପ୍ରକାଶ ପରିଡା, ଅତିରିକ୍ତ ତହସିଲଦାର ସୁକନ୍ୟା ବରାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ନଗରପାଳ ମିଟୁ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ପରିବାର ଲୋକଙ୍କୁ ବୁଝାସୁଝା କରାଯାଇ ଜିଲ୍ଲା ରେଡକ୍ରସ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୯୦ ହଜାର ଟଙ୍କା ଏବଂ ସମିତି ଅଧ୍ୟକ୍ଷ ଏବଂ ନଗରପାଳଙ୍କ ତରଫରୁ ୭୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବାରେ ସନ୍ଧ୍ୟାରେ ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ବାଣପୁର ଥାନା ଅଧିକାରୀ ଜୟ ପ୍ରକାଶ ପରିଡା, ଅତିରିକ୍ତ ତହସିଲଦାର ସୁକନ୍ୟା ବରାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ନଗରପାଳ ମିଟୁ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ପରିବାର ଲୋକଙ୍କୁ ବୁଝାସୁଝା କରାଯାଇ ଜିଲ୍ଲା ରେଡକ୍ରସ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୯୦ ହଜାର ଟଙ୍କା ଏବଂ ସମିତି ଅଧ୍ୟକ୍ଷ ଏବଂ ନଗରପାଳଙ୍କ ତରଫରୁ ୭୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବାରେ ଧାରଣା ପ୍ରତ୍ୟାହୃତ ହୋଇ ରାସ୍ତା ଅବରୋଧ ହଟିଥିଲା। ତେବେ ଦିନ ତମାମ୍ ଡାକ୍ତରଖାନା ରାସ୍ତା ବନ୍ଦ ରହିବାରୁ ଯାତାୟାତରେ ବ୍ୟାହତ ସୃଷ୍ଟି ହେବା ସହ ଡାକ୍ତରଖାନାକୁ ଆସିଥିବା ରୋଗୀମନେ ବହୁ ଅସୁବିଧାର ସମ୍ମୁଖିନ ହୋଇଥିଲେ।

# ଯୁକ୍ତ ଦୁଇ ପରୀକ୍ଷା ଫଳ ; ବାଣପୁରରେ ଛାତ୍ର ଆଗରେ

**ବାଣପୁର, ୨୧।୫(ସମିସ) :** ଚଳିତ ବର୍ଷର ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବାଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ବିଭାଗରେ ମୋଟ ୩୦୦ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇ ୨୭୫ ଜଣ ପାସ କରି ୨୩ ଜଣ ଛାତ୍ର ଛାତ୍ରୀ ଫେଲ, ଜଣେ କମ୍ପୁଟେସନାଲ ଓ ଜଣେ ଅନୁପସ୍ଥିତ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୬୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୮୮ ଜଣ ଓ ତୃତୀୟ ଶ୍ରେଣୀରେ ୧୯ ଜଣ ଛାତ୍ର ଛାତ୍ରୀ ପାସ କରିଛନ୍ତି। ତନ୍ମଧ୍ୟରୁ ଛାତ୍ର ପିନାକି ମହାପାତ୍ର ସର୍ବାଧିକ ୫୬୮ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହେବାର ସଫଳତା ହାସଲ କରିଛନ୍ତି। କଳା ବିଭାଗରେ ମୋଟ ୩୦୮ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇ ୨୫୧ ଜଣ ପାସ କରି ୫୬ ଜଣ ଛାତ୍ର ଛାତ୍ରୀ ଫେଲ ଓ ଜଣେ ଅନୁପସ୍ଥିତ ରହି ଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧୨ ଜଣ, ଦ୍ୱିତୀୟ ଶ୍ରେଣୀ ରେ ୬୪ ଜଣ ଓ ତୃତୀୟ ଶ୍ରେଣୀରେ ୭୫ ଜଣ ଛାତ୍ର ଛାତ୍ରୀ ପାସ କରିଛନ୍ତି। ତନ୍ମଧ୍ୟରୁ ଛାତ୍ର ସତ୍ୟଜିତ ଦାସ ସର୍ବାଧିକ ୫୬୩ ନମ୍ବର ରଖି ପ୍ରଥମ ହୋଇ ଥିବା ବେଳେ ବାଣିଜ୍ୟ ବିଭାଗରେ ମୋଟ ୨୪ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇ ୨୧ ଜଣ ପାସ କରି ୩ ଜଣ ଛାତ୍ର ଛାତ୍ରୀ ଫେଲ ହୋଇ ଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୭ ଜଣ ଓ ତୃତୀୟ ଶ୍ରେଣୀରେ ୮ ଜଣ ଛାତ୍ର ଛାତ୍ରୀ ପାସ କରିଛନ୍ତି। ତନ୍ମଧ୍ୟରୁ ଛାତ୍ର ସିଦ୍ଧାର୍ଥ ଜେନା ସର୍ବାଧିକ ୪୭୮ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହେବାର କୃତିତ୍ୱ ଅର୍ଜନ କରିଛନ୍ତି। ସେହିପରି ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳା ବିଭାଗରେ ମୋଟ ୧୫୦ ଜଣ ଛାତ୍ରୀ ପରୀକ୍ଷା ଦେଇ ୧୩୮ ଜଣ ପାସ କରି ୬ ଜଣ ଛାତ୍ରୀ ଫେଲ ଓ ୬ ଜଣ ଛାତ୍ରୀ ଅନୁପସ୍ଥିତ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୫ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୯ ଜଣ ଓ ତୃତୀୟ ଶ୍ରେଣୀରେ ୬୪ ଜଣ ଛାତ୍ରୀ ପାସ କରିଛନ୍ତି। ତନ୍ମଧ୍ୟରୁ ଛାତ୍ରୀ ଅନାମିକା ଜେନା ସର୍ବାଧିକ ୪୯୯ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହେବାର ସଫଳତା ହାସଲ କରିଛନ୍ତି।ସେହିପରି ଭେଟିନାଥ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା ବିଭାଗରେ ସମୁଦାୟ ୧୦୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧, ଦ୍ୱିତୀୟ ଶ୍ରେଣୀରେ ୧୦ ଏବଂ ତୃତୀୟ ଶ୍ରେଣୀରେ ୭୪ ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟରେ ସମୁଦାୟ ୯୦.୪୫ ଶତକଡା ଛାତ୍ରଛାତ୍ରୀ ସଫଳତା ଲାଭ କରିଥିବା ବେଳେ ୪୪୪ ନମ୍ବର ରଖି ରବି ଘଡେଇ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଗମ୍ଭାରୀମୁଣ୍ଡା ସ୍ଥିତ ପରଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା ବିଭାଗରେ ସମୁଦାୟ ୧୨୬ ଜଣ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୫, ଦ୍ୱିତୀୟ ଶ୍ରେଣୀରେ ୧୩ ଏବଂ ତୃତୀୟ ଶ୍ରେଣୀରେ ୭୬ ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଅର୍ଥାତ ବିଦ୍ୟାଳୟରେ ସମୁଦାୟ ୮୩ ଶତକଡା ଛାତ୍ରଛାତ୍ରୀ ସଫଳତା ଲାଭ କରିଛନ୍ତି।

